ବହୁଚର୍ଚ୍ଚିତ କବିତା ସଂକଳନ

ନଷ୍ଟନାରୀ

ହାନ୍ତି ଅପର୍ଣ୍ଣା ମହାନ୍ତି ଅପର୍ଣ୍ଣା ମହାନ୍ତି ଅପର୍ଣ୍ଣା ମହାନ୍ତି ଅପର୍ଣ୍ଣା ମହାନ୍ତି ଅପର୍ଣ୍ଣା ମହାନ୍ତି

ଅପର୍ଣ୍ଣା ମହାନ୍ତି

ନଷ୍ଟନାରୀ ନଷ୍ଟନାରୀ ନଷ୍ଟନାରୀ ନଷ୍ଟନାରୀ ନଷ୍ଟନାରୀ ନଷ୍ଟନାରୀ ନଷ୍ଟନାରୀ ନଷ୍ଟ

Source: Author, Digitized by PPRACHIN, SOA

କ ବି ତା

ନଷ୍ଟ ନାରୀ

ଅପର୍ଣ୍ଣା ମହାନ୍ତି

time pass

Source: Author, Digitized by PPRACHIN, SOA

ନଷ୍ଟ ନାରୀ
ଅପର୍ଣ୍ଣା ମହାନ୍ତିଙ୍କ କବିତା

ପ୍ରକାଶକ : ଟାଇମ୍ ପାସ୍

ଦ୍ୱିତୀୟ ସଂସ୍କରଣ : ଡିସେମ୍ବର ୨୦୦୯

nasta nari
oriya poems
by **aparna mohanty**

published & printed by **time pass**
950 (P), green villa, NK Marg, Baramunda, bhubaneswar

cover design : **saroj bal**
second edition : 2009

Rs. 45.00

Source: Author, Digitized by PPRACHIN, SOA

ପ୍ରେମ ଓ ପରମ ପାଇଁ
ଇଂଦ୍ର ଚଂଦ୍ର ମାନୁନଥିବା
ନାରୀମାନଙ୍କ ହାତରେ

Source: Author, Digitized by PPRACHIN, SOA

କୃତଜ୍ଞତା

'ନଷ୍ଟନାରୀ' ବହିଟିଏ ପାଇବା ପାଇଁ ସସ୍ନେହ କଟାକ୍ଷରେ ମୋତେ ବ୍ୟତିବ୍ୟସ୍ତ କରି ଦେଉଥିବା ମୋର ପ୍ରିୟ ପାଠକପାଠିକା, ଏହି ଗ୍ରନ୍ଥର ପୁନଃପ୍ରକାଶନରର ଦାୟିତ୍ୱ ଆଗ୍ରହର ସହ ଗ୍ରହଣ କରିଥିବା କବି ସରୋଜ ବଳ ଓ କବି ଅଶୋକ ରାଉତଙ୍କୁ ମୋର ଆନ୍ତରିକ କୃତଜ୍ଞତା ।

ଅପର୍ଣ୍ଣା ମହାନ୍ତି

Source: Author, Digitized by PPRACHIN, SOA

କବି ଅପର୍ଣ୍ଣାଙ୍କ 'ନଷ୍ଟନାରୀ' ପଢ଼ିଲା ପରେ...

ମହାପାତ୍ର ନୀଳମଣି ସାହୁ

ମୋର ପରମ କଲ୍ୟାଣୀୟା, ଶ୍ରଦ୍ଧେୟା ଅପର୍ଣ୍ଣା ମହାନ୍ତିଙ୍କ ସମସ୍ତ କବିତା ଗ୍ରନ୍ଥ ମୁଁ ପାଠ କରିଛି- ଏବଂ ଯେତିକି ମୁଗ୍ଧ ହୋଇଛି-ସେତିକି ବିସ୍ମିତ ହୋଇଛି । ସେ ଜଣେ ଜ୍ଞାନପ୍ରବୀଣା ସାହିତ୍ୟ ଅଧାପିକା ଓ ଭାବପ୍ରବଣା କବି । ତାଙ୍କର କବିତାଗୁଡ଼ିକ ପଢ଼ି ମୋର ମନେ ହୋଇଛି- ଆମର ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ମୁଁ ଏପରି ଭାବ ଓ ସ୍ୱର ନୂଆ କରି ଅନୁଭବ କଲି ଓ ଶୁଣିଲି । ପ୍ରଥମେ ତାଙ୍କ କବିତାଗୁଡ଼ିକ ପଢ଼ି ମୋତେ ଲାଗୁଥିଲା- ସତେ କି ଖୁବ୍ ଜଣେ ନିଷ୍କଳା ଭାବାବେଗ କଂପିତା ଓ ଖରସ୍ରୋତା ନଦୀଭଳି କୂଳ ଲଂଘିନୀ ଏବଂ ପ୍ରାଣଜଗତରେ କେଉଁ ଏକ ମହାଉନ୍ମାଦିନୀ ପ୍ରାଣବତୀ ସତ୍ତାଦ୍ୱାରା ଆବିଷ୍ଟା ଏଇ ପ୍ରତିଭାବତୀ ନାରୀ କବିଟି ଆମ କାବ୍ୟ-ସୀମାର କେତୋଟି ବନ୍ଧ ଭାଙ୍ଗିଚାଲିଛି ଓ ସେଇସବୁ ଘାଇବାଟେ ଏକ ନୂତନ ଭାବସ୍ରୋତ ଖଳଖଳ ଛଳଛଳ ହୋଇ ଆମ ଭିତରକୁ ପଶିଆସୁଛି ଏବଂ ଆମର ପାରଂପରିକ ଭାବବନ୍ଧରୁ ଅତଡ଼ା ପରେ ଅତଡ଼ା ଖସାଇଦେଉଛି । ଅସଲ କଥା ହେଉଛି-ତାଙ୍କ ପୂର୍ବରୁ ଆଉ କେହି ନାରୀ କବି ତାଙ୍କର ଦୈହିକ ତୃଷ୍ଣା, ଆକାଂକ୍ଷା, ପ୍ରବେଗ ଓ ବାସନାକୁ ଏତେ ସ୍ୱଚ୍ଛ, ଶୁଦ୍ଧ,

Source: Author, Digitized by PPRACHIN, SOA

ନିଷ୍କପଟ ହୃଦୟରେ ଅନୁଭବ କରି, ଓ ତାଙ୍କର ଆତ୍ମପ୍ରତ୍ୟୟଶୀଳ ମନଭିତରେ ଏତେ ସହଜ ସରଳ ଭାବେ ମନନ କରି ସେହି ଅଭିଜ୍ଞତାକୁ ଏପରି ଶୁଭ୍ର ସାରସ୍ୱତ ଶୈଳୀରେ ଉଦ୍ଦାମସ୍ୱରରେ ପ୍ରକାଶ କରି ଆମକୁ ଏପରି ଶଂକିତ ଓ ବିମୁଗ୍ଧ କରିଦେଇ ନାହାନ୍ତି । ସବୁଠାରୁ ବଡ଼କଥା ହେଲା- ତାଙ୍କର କବିତାଗୁଡ଼ିକୁ ସେ କୌଣସି ପ୍ରକାର ବୌଦ୍ଧିକ ଆବରଣ ଓ ଆଭରଣରେ ସଜାଇ ନାହାନ୍ତି କି ପାଠକକୁ କୌଣସି ପ୍ରକାର ଛଦ୍ମବେଶ ଓ ଛଦ୍ମସ୍ୱରରେ ପ୍ରତାରିତ କରିନାହାନ୍ତି ।

ଯେକୌଣସି ମିଳନାକଂକ୍ଷା-ତାହା ମଣିଷ ପାଇଁ ହେଉ ବା ସାଧାରଣ ପ୍ରାଣୀଟିଏ ପାଇଁ ହେଉ ବା ଏପରିକି ଈଶ୍ୱରଙ୍କ ପାଇଁ ହେଉ ତାହା କେବଳ ଆମର ମନ ହୃଦୟକୁ ତୃପ୍ତ କରି ଶାନ୍ତ ହୁଏ ନାହିଁ । ଦୈହିକ ମିଳନରେ ହିଁ ସେ ତୃପ୍ତିର ପରିପୂର୍ଣ୍ଣତା ଆସେ । ଭକ୍ତ ସହିତ ଭଗବାନଙ୍କର ମହାମିଳନ ପାଇଁ ନିର୍ଗୁଣ ଓ ଅଶରୀରୀ ଭଗବାନ ଯଦି ଶରୀର ଧାରଣ କରି ଆମର ଏଠି ଅବତୀର୍ଣ୍ଣ ହେଉ ନଥାନ୍ତେ-ତେବେ ଭକ୍ତମାନଙ୍କର ଭଗବତ ମିଳନାକାଂକ୍ଷା ସଂପୂର୍ଣ୍ଣ ଭାବରେ ତୃପ୍ତ ହୋଇ ପାରନ୍ତା କି ? ନିର୍ଗୁଣ, ଅରୁପ, ସର୍ବବ୍ୟାପୀ ଏକ ଚେତନା ସହିତ ଅର୍ଥାତ୍ ବ୍ରହ୍ମ ସହିତ ଯୋଗୀମାନଙ୍କର ଯେଉଁ ମିଳନ ତାହା ଏକ ପ୍ରଶାନ୍ତ ଆନନ୍ଦର ନୀରବ, ନିଷ୍ଫଳ ଅନୁଭୂତି । କିନ୍ତୁ ଈଶ୍ୱରଙ୍କର ଅବତାର ବା ବିଭୂତିମାନଙ୍କ ସହିତ ଭକ୍ତଙ୍କର ଦୈହିକ ମିଳନ ସମ୍ଭବ ଯୋଗୁଁ-ସେହି ମିଳନରେ ଭକ୍ତ ଅନୁଭବ କରେ ଏକ ଦିବ୍ୟ ସ୍ପନ୍ଦନମୟ ଆହ୍ଲାଦ । ଶ୍ରୀରାଧା ଠାକୁରାଣୀ ହେଉଛନ୍ତି ଭଗବାନଙ୍କର ଆହ୍ଲାଦିନୀ ଶକ୍ତିର ଏକ ଭାଗବତୀ ପ୍ରେମ ବିଳାସ । ଏବଂ ଏକଥା ନିଶ୍ଚୟ ସ୍ୱୀକାର୍ଯ୍ୟ ଯେ, ରାଧାକୃଷ୍ଣ ଓ ଗୋପାଳକୃଷ୍ଣଙ୍କ ମିଳନାନନ୍ଦ ଦୈହିକ ମିଳନରେ ହିଁ ପୂର୍ଣ୍ଣତା ପ୍ରାପ୍ତ ହୋଇଛି । ଅବଶ୍ୟ ବୈଷ୍ଣବୀୟ ପ୍ରେମଭକ୍ତିର ମଧୁର ବିଳାସ ପାଇଁ ରାଜସିକ ବା ତାମସିକ ଦେହ ଉପଯୁକ୍ତ ନୁହେଁ । ଗୋପୀମାନଙ୍କର ଶରୀର ଅଷ୍ଟସାତ୍ତ୍ୱିକ ଭାବରେ (ସ୍ୱେଦ, ରୋମାଞ୍ଚ, ବିବର୍ଣ୍ଣ ଆଦି) ପବିତ୍ର ଥିଲା । ଏବଂ ଏଇ ମାଟି ପାଣି ପବନରେ ନିର୍ମିତ କାମ ଦେହ ବା ସ୍ଥୁଳ ଦେହ ଏକ ସୂକ୍ଷ୍ମ ଦେହରେ ରୂପାନ୍ତରିତ ହୋଇଯାଉଥିଲା ଏବଂ ଏଇ ସ୍ଥୁଳ କାମ ଦେହ ଦିବ୍ୟଆତ୍ମାର ମିଳନ ପୀଠ ହୋଇଯାଉଥିଲା । ଫଳରେ ଷୋଳସହସ୍ର ସତ୍ତ୍ୱଗୁଣଧାରିଣୀ ଗୋପୀଗଣ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଯେଉଁ ମହାରାସରେ ମିଳିତ ହୋଇଥିଲେ ଓ ତାଙ୍କ ସହିତ ଦୈହିକ ମିଳନ ସଂଭୂତ ଦିବ୍ୟ ଆହ୍ଲାଦ ଅନୁଭବ କରିଥିଲେ ତାହା ସଂଭବ ହୋଇପାରିଥିଲା । ସେଥିପାଇଁ ଗୋପୀମାନେ ମର୍ତ୍ତ୍ୟର ନାରୀ ଥିଲେ ବି ମର୍ତ୍ତ୍ୟର ଅଧିକାରରେ ନଥିଲେ । ଏବଂ ଅପରପକ୍ଷରେ ସେମାନେ ସ୍ୱର୍ଗୀୟ ଭାବରେ ଅନୁପ୍ରାଣିତ ଥିଲେ ବି, ସ୍ୱର୍ଗର ଅଧିକାର ଭିତରେ ନଥିଲେ । କବି ଅପର୍ଣ୍ଣା ଏଇମାନଙ୍କୁ ନଷ୍ଟନାରୀ ବୋଲି ଧରିଛନ୍ତି ।

ଯଥାର୍ଥ ସତ୍ୟଟି ହେଲା- ପ୍ରେମ ଓ ଭକ୍ତିର ଆନନ୍ଦ, ଆହ୍ଲାଦ ଓ ହର୍ଷ ଅନୁଭବ

Source: Author, Digitized by PPRACHIN, SOA

କରିବାକୁ ହେଲେ ଏହି ଦେହକୁ ଏକ ଯଜ୍ଞବେଦୀରେ ପରିଣତ କରିବାକୁ ପଡ଼ିବ । ଫଳରେ ଦେହର ଏହି ଯଜ୍ଞବେଦୀ ଉପରେ ପ୍ରାଣର ଓ ମନର ପ୍ରେମଯଜ୍ଞ ଅନୁଷ୍ଠିତ ହୋଇପାରିବ । ଏହି ଦେହବେଦୀର ଯଜ୍ଞାଗ୍ନିରେ ପ୍ରାଣ ଓ ମନର ବିଚ୍ଛିନ୍ନତା କାମୀ ଅହଂକାରକୁ ଆହୂତି ଦେବାକୁ ହେବ । ତା'ପରେ ଯାଇ ସଂଭବ ହେବ ଅନ୍ତରାତ୍ମାଙ୍କର ଆବିର୍ଭାବ । ଏବଂ ସର୍ବଶେଷ ଯଜ୍ଞଟି ହେଲା ଏହି ଦେହର ବେଦୀ ଉପରେ ଅନ୍ତରାତ୍ମାର ମହାଯଜ୍ଞ ଓ ବିଶ୍ୱଦେବଙ୍କର ଆବାହନ ଓ ସଂସ୍ଥାପନ । ତା'ପରେ ବ୍ୟକ୍ତିର ଦେହ ବେଦୀରେ ବିଶ୍ୱଦେବଙ୍କ ସହିତ ବିଶ୍ୱଜନନୀଙ୍କର ଦିବ୍ୟରତି ଆରମ୍ଭ ହୋଇଯାଏ ।

କହିବା ବାହୁଲ୍ୟ ଯେ, ବିଶ୍ୱପ୍ରକୃତି ବା ଆଦିମାତା ନିଜେ ହିଁ ନିଜ ଉପରେ ଏହି ବିଶ୍ୱଯଜ୍ଞ କର୍ମଟି କରିଚାଲିଛନ୍ତି ଏବଂ ଏହି ମହାଯଜ୍ଞରେ ସେ ନିଜେ ନିଜକୁ ବଳି ଦେଉଛନ୍ତି ବା ସ୍ୱାହା କରୁଛନ୍ତି । ତା' ଫଳରେ ବିଶ୍ୱପ୍ରାଣରେ ମହାନନ୍ଦ ଓ ମହାହ୍ଲାଦର ସ୍ପନ୍ଦନ ସୃଷ୍ଟି ହେଉଛି- ତେଣୁ ସୃଷ୍ଟି ପ୍ରକ୍ରିୟାର କ୍ରମବିକାଶରେ ପାର୍ଥିବ ଲୀଳା ସଙ୍ଗେ ଦିବ୍ୟଲୀଳା ମିଳିତ ଭାବେ ଚାଲିଛି ଅବ୍ୟାହତ ଭାବରେ । ଏହି ମହାଯଜ୍ଞରେ ଅସ୍ତିନାସ୍ତି, ଭଲମନ୍ଦ, ଜୀବଅଜୀବ, ମଙ୍ଗଳ ଅମଙ୍ଗଳ, ପାପପୂଣ୍ୟ ସବୁ କିଛିକୁ ଆହୂତି ଦିଆ ହେଉଛି । ଏବଂ ଏସବୁଗୁଡ଼ିକ ମଧ୍ୟ ଯଜ୍ଞକର୍ତ୍ତା ଓ କର୍ତ୍ତ୍ରୀଙ୍କ ପାଇଁ ପବିତ୍ର ଯଜ୍ଞଚରୁରେ ପରିଣତ ହେଉଛନ୍ତି ।

କବି ଅପର୍ଣ୍ଣା ଏହି ଦାର୍ଶନିକ ସତ୍ୟକୁ ନିଜ ଜୀବନରେ ତାଙ୍କ ପ୍ରାଣସ୍ତରରେ ଅନୁଭବ କରିଛନ୍ତି । ଏବଂ ସେହି ଆଦିମାତା ପରମା ନାରୀ ବା ବିଧାତ୍ରୀଙ୍କୁ ନିଜ ଉପରକୁ ବା ନିଜ ନାରୀତ୍ୱର ଗଭୀରତା ଭିତରକୁ ଓହ୍ଲାଇ ଆଣିଛନ୍ତି । ତା' ଫଳରେ ତାଙ୍କର ଭିତରୁ ଯେଉଁ ପ୍ରଚଣ୍ଡ ବାତ୍ୟାକୁଳିତ ଭାବାବେଗ ସୃଷ୍ଟି ହୋଇଛି- ତାକୁଇ ସେ ପ୍ରକାଶ କରିଛନ୍ତି ନିଷ୍କପଟ ଅସୀମ ସାହସିକତାରେ, ଚମତ୍କାର ଭାବ ଓ ଧ୍ୱନି ମୁଖରିତ କବିତାମାନଙ୍କରେ । ବେଳେବେଳେ ତାଙ୍କ କବିତାର ପଂକ୍ତି ଗୁଡ଼ିକ ପଢ଼ିଲାବେଳେ ଲାଗେ ସତେକି କୌଣସି ବାମାଚାରୀ ତାନ୍ତ୍ରିକ ତାରା-ସାଧନା କରୁଛି ଏବଂ ଦେବୀ ତାରାଙ୍କ ସହିତ ସର୍ବାଙ୍ଗ ମିଳନର ହର୍ଷଉତ୍‌ଫୁଲ୍ଲତାରେ ଉନ୍ମାଦିତ ହୋଇ ନିଜର ଅନୁଭବକୁ ତନ୍ତ୍ରମନ୍ତ୍ରର ଅଭିଚାରାତ୍ମକ ଧ୍ୱନିଯୁକ୍ତ କବିତାଗୁଡ଼ିକ ଭିତରେ ଉଚ୍ଚସ୍ୱରରେ ପ୍ରକାଶ କରି ଚାଲିଛନ୍ତି !

ମୋତେ ଲାଗିଲା- "ନଷ୍ଟନାରୀ କବିତାଗୁଡ଼ିକର 'କବି' ଯେ, 'ନାୟିକା' ମଧ୍ୟ ସିଏ । ଦୁହିଁଙ୍କ ଭିତରେ ପାର୍ଥକ୍ୟ ନାହିଁ । କବିତାଗୁଡ଼ିକର ଅନ୍ତର୍ଧ୍ୱନୀରୁ ଜଣାପଡ଼େ ନାରୀକବି ଅପର୍ଣ୍ଣାଙ୍କର ଉର୍ଦ୍ଧ୍ୱପ୍ରାଣସ୍ତରରେ ତିନିଜଣ ପ୍ରଚଣ୍ଡା ଦେବୀଙ୍କର ଆବିର୍ଭାବ ଘଟିଛି ଓ ସେମାନେ ତାଙ୍କ ଦେହବେଦୀରେ ସେମାନଙ୍କର ମର୍ତ୍ତ୍ୟଲୀଳା କରିଚାଲିଛନ୍ତି । ତେଣୁ ତାଙ୍କର କବିତାଗୁଡ଼ିକ ପଢ଼ିଲେ ଲାଗେ କେବେକେବେ କବି ଅପର୍ଣ୍ଣା ଓ ନାରୀ ଅପର୍ଣ୍ଣା ଉନ୍ମତ୍ତ ଓ ଉଲଗ୍ନା ହୋଇ ଟହଟହ ହାସ୍ୟରେ ଚତୁର୍ଦ୍ଦିଗକୁ ପ୍ରକମ୍ପିତ କରି ମହାଦେବ ଶିବଙ୍କ ଶବ ଉପରେ ଆରୂଢ଼ା ହୋଇ ବିକରାଳ ପ୍ରାଣ ସ୍ଫୁରଣରେ ମହାରତିରେ ନୃତ୍ୟ କରୁଛନ୍ତି । ଏବଂ

Source: Author, Digitized by PPRACHIN, SOA

ଅଚେତନ ପ୍ରାୟ ନିଶ୍ଚଳ ନିଷ୍କଂପ, ଯୋଗନିଦ୍ରାରେ ଅଭିଭୂତ ଥିବା ଶବପ୍ରାୟ ଶିବଙ୍କୁ ଜାଗ୍ରତ କରୁଛନ୍ତି । କେତେବେଳେ ପୁଣି ରତିଛଳରେ ବିବସନା ଦୁର୍ଗାଙ୍କ ଭଳି ପୁରୁଷ ଭିତରେ ଲୁଚି ରହିଥିବା ମହିଷାସୁରକୁ ନିହତ କରୁଛନ୍ତି । କେତେବେଳେ ପୁଣି ମହାଭାବ ସ୍ୱରୂପିଣୀ ଆହ୍ଲାଦନମୟୀ ଶ୍ରୀରାଧା ଠାକୁରାଣୀଙ୍କ ପରି ଷୋଳସସ୍ର ଗୋପୀମାନଙ୍କ ସହ ପରମ ପୁରୁଷ ଓ ସର୍ବ ରସ ଓ ଆନନ୍ଦ ଉତ୍ସ ପୁରୁଷୋତ୍ତମଙ୍କ ସହିତ ମହାରାସରେ ନିମଜ୍ଜିତ ହୋଇ- ସର୍ବାଙ୍ଗୀନ ମିଳନର ଦିବ୍ୟ ଉଚ୍ଚାଟନରେ ଉଚ୍ଚାଟିତା ହୋଇ ସମଗ୍ର ପୃଥିବୀ ଓ ସର୍ବ ପ୍ରାଣୀଙ୍କ ଦେହ ପ୍ରାଣରେ ଏକ ଦିବ୍ୟ ହର୍ଷ ଓ ଆହ୍ଲାଦର ରୋମାଞ୍ଚକର ଶିହରଣ ସୃଷ୍ଟି କରୁଛନ୍ତି ।

ତେବେ କବି ଅପର୍ଣ୍ଣାଙ୍କର ନାରୀତ୍ୱ ଭିତରେ ଓ କବିତ୍ୱ ଭିତରେ ତାଙ୍କର ଅଧିଷ୍ଠାତ୍ରୀ ଦେବୀ ରୂପେ ନିତ୍ୟ ସଂସ୍ଥିତା ଓ କ୍ରିୟାଯୁକ୍ତା ରହିଛନ୍ତି ଯେଉଁ ଦେବୀ- ସେ ହେଉଛନ୍ତି ତ୍ରିପଥ ଗାମିନୀ, ପତିତପାବନୀ ଗଙ୍ଗା । ତାଙ୍କରି ମର୍ତ୍ତ୍ୟାବତରଣ ଘଟିଛି ଅପର୍ଣ୍ଣାଙ୍କ ଭାବାବେଗ ଭିତରେ । 'ନଷ୍ଟନାରୀ' ବକ୍ତବ୍ୟଗୁଡ଼ିକ ପଢ଼ି ଗଙ୍ଗାଙ୍କର ତ୍ରିପୁର ଅବତରଣର ଅନୁଭବରେ ମୁଁ ଉଚ୍ଛନ୍ନ ହୋଇଉଠିଲି । ପ୍ରକ୍ୟତରେ ଅପର୍ଣ୍ଣା ତାଙ୍କ ଜୀବନରେ ଓ କବିତାରେ ଗଙ୍ଗାଭିଭୂତା ହୋଇ ବହି ଚାଲିଛନ୍ତି । ଏ କଥା ବୁଝିବା ଉଚିତ୍ ଯେ, 'ନଷ୍ଟନାରୀ' କେବେ ବି ଭ୍ରଷ୍ଟାନାରୀ ନୁହଁ । ଅନାଚାରିଣୀ ନୁହଁ-କାମାୟିନୀ ନୁହଁ କି ସାମାନ୍ୟ ଇତର ସୁଖାଭିଳାଷିଣୀ ମଧ ନୁହେଁ । ସେ ଏକ ଦୁଃସାହସିନୀ ଭାବାବେଗମୟୀ ନାରୀ ଓ କବି ଯେ କି ପ୍ରେମ ଓ ପରମକୁ ନିଜର ପ୍ରାଣ, ମନ ଓ ଦେହ ସ୍ତରରେ ସମାନ ଭାବେ ଅନୁଭବ କରିବା ପାଇଁଓ ଅନ୍ୟମାନଙ୍କ ପାତ୍ରରେ ବାଢ଼ି ଦେବା ପାଇଁ ଉଶୃଙ୍ଖଳା ହୋଇ ଚନ୍ଦ୍ର ସୂର୍ଯ୍ୟଙ୍କୁ ବି ମାନେନାହିଁ । କୌଣସି ନୀତି ନିୟମର ବନ୍ଧବାଡ଼କୁ ସେ ଭାଂଗି ନଦେଇ ବା ଉଲଘଂନ ନକରି ସେ ଥୟ ପଡ଼େ ନାହିଁ । ସେ ଏହି 'ପ୍ରେମ ଓ ପରମ'ର ଉପଲବ୍ଧି ପାଇଁ ନିଜକୁ ସର୍ବଦା ଅଜାଡ଼ି ଚାଲିଥାଏ । ଉଜାଡ଼ି ମଧ ଚାଲୁଥାଏ । କିନ୍ତୁ ନିଜକୁ ଏଇ ଅଜାଡ଼ି ଓ ଉଜାଡ଼ି ଦେଇ ସୁଦ୍ଧା ଆଶ୍ଚର୍ଯ୍ୟ ଭାବେ ସେ ବାରଂବାର ପୂର୍ଣ୍ଣ ହୋଇ ଉଠୁଥାଏ । ସେ କେବେ ବି ସରି ଯାଏ ନାହିଁ । ତା'ର ନାରୀ ପଣର କୌଣସି ଋତୁ ଫୁଟୁ ଉପରେ ସେ ନିର୍ଭର କରେ ନାହିଁ । ସବୁଋତୁ ପାରି ହୋଇଗଲା ପରେ ବି ସେ ନିଜ ଭିତରୁ ଆଉ ଏକ ନୂତନ ଋତୁ ସୃଷ୍ଟି କରିପାରେ । ସେ ସାରା ଜୀବନ ନିଜେଇ ନିଜର ଋତୁ ହୋଇଯାଇପାରେ ।

ପତିତପାବନୀ, ତ୍ରିପଥଗାମୀନୀ ଗଙ୍ଗାଙ୍କ ଭଳି ସେ ଚିରସ୍ରୋତା ଓ ନିତ୍ୟ ପ୍ରବାହମାନା । ତା'ର ଉତ୍ସ ସ୍ୱର୍ଗରେ । ସେ ସ୍ୱର୍ଗ-ବାସିନୀ । ତେଣୁ ସେ ଚିରଶୁଦ୍ଧା, ଅମୃତାମୟୀ, ଆନନ୍ଦ ଓ ଆହ୍ଲାଦମୟୀ । ସେ ଅଥୟା- କିନ୍ତୁ ଲକ୍ଷ୍ୟଭ୍ରଷ୍ଟା ନୁହଁ-ବିରତା ନୁହଁ । ସେ ଅବିରତା ଓ ରତି ପ୍ରାଣା ଓ ଗତିପ୍ରାଣା । ତେଣୁ ସେ ସ୍ୱର୍ଗରୁ ଖଳଖଳ ହୋଇ ଖସିଆସେ ମର୍ତ୍ତ୍ୟକୁ । ମର୍ତ୍ତ୍ୟର ସବୁ ନଷ୍ଟନାରୀଙ୍କ ଭିତରେ ବି ତାଙ୍କର ଅବତରଣ ଘଟିଯାଏ ।

Source: Author, Digitized by PPRACHIN, SOA

ଆମର ଏଇ ମର୍ତ୍ତ୍ୟପୁରୀ ବା ଧରିତ୍ରୀ ଶୁଦ୍ଧ ଅଶୁଦ୍ଧ, ଶୁଭ ଅଶୁଭ, ସୁନ୍ଦର, କୁତ୍ସିତ, ପାପ ପୁଣ୍ୟ, ଅନ୍ଧାର ଆଲୋକ, ପ୍ରେମହିଂସା ପ୍ରଭୃତି ନାନାଦି ବିପରୀତାତ୍ମକସତ୍ୟକୁ ଓ ବିରୋଧାଭାଷକୁ ନିଜ ଦେହରେ ଧାରଣ କରି ରହିଛି । କିନ୍ତୁ ସ୍ୱର୍ଗର ପବିତ୍ର ଗଙ୍ଗା ଏଠାରେ ବହମାନ ହୋଇ ଏଠାକାର ସବୁ ଅଶୁଦ୍ଧତାକୁ ଶୁଦ୍ଧ କରିଦିଏ, ତା ନିଜର ସ୍ୱଭାବିକ ଶୁଦ୍ଧତାରେ । ଏପରିକି ଏଠାକାର ଜଣେ ମହାପାପୀ ମୃତ ଲୋକର ଖଣ୍ଡେ ହାଡ଼ ବା କେରାଏ କେଶ ବା ଟିକିଏ ନଖକୁ ମଧ୍ୟ ସେ ନିଜ ଦେହରେ ଧାରଣ କରି ତାକୁ ପବିତ୍ର କରିଦିଏ । ଅପରନ୍ତୁ ଆମ ମର୍ତ୍ତ୍ୟଭୂମିର ମହାନଆତ୍ମାମାନଙ୍କର ପୂତ ଶରୀରକୁ ସେ ତା' ଦେହରେ ଧାରଣ କରି ଓ ପ୍ରକ୍ଷାଳନ କରି ସାଧୁସଙ୍ଗମରେ ତାର ପାବନକାରିଣୀ ଶକ୍ତି ଆହୁରି ବଢ଼ିଯାଏ । ଏଇ ଦୁଇ ବିପରୀତ ଧାରିଣୀ ମର୍ତ୍ତ୍ୟଲୋକରେ ସବୁ ବୈପରୀତ୍ୟକୁ ଏକ ପରମ ଶୁଦ୍ଧତାରେ ପାବନ କରିବା ପାଇଁ ଗଙ୍ଗା ଏଠାରେ ବିପରୀତ ରତି ମଧ୍ୟ କରିଥାଏ । ଏହି ବିପରୀତ ରତିରେ ମର୍ତ୍ତ୍ୟର ପତିତ ମଣିଷଟିର ଦେହ ଓ ପ୍ରାଣ ପବିତ୍ର ହୋଇ ଯାଏ ଏବଂ ସେ ତା'ର ଅନ୍ତରାତ୍ମାକୁ ଭେଟିଥାଏ ।

ଏହା ପରେ ଗଙ୍ଗା ରୂପିଣୀ ନଷ୍ଟନାରୀ ଛଳଛଳ ହୋଇ କଳକଳ ନାଦ କରି ବହିଯାଏ ପାତାଳ ଭିତରକୁ । କାରଣ, ଗୋଟିଏ ସ୍ଥାନରେ ନଷ୍ଟନାରୀ ଥୟ ପଡ଼େନା । ସ୍ୱର୍ଗରେ ନୁହେଁ କି ମର୍ତ୍ତ୍ୟରେ ନୁହଁ । । ପାତାଳ ପରି ସେହି ନାସ୍ତି ଓ ଅବଚେତନର ନାରକୀୟ ଜଗତରୁ ନଷ୍ଟନାରୀ ତାର ସମସ୍ତ ପାପ ଓ ଅଶୁଦ୍ଧତାକୁ ନିଜ ଶରୀରରେ ଧାରଣ କରେ । ଏବଂ ପାତାଳରେ ସୃଷ୍ଟିକରେ ଏକ ନୂତନ ଜୀବନ୍ୟାସର ଆନନ୍ଦ । ପାତାଳ କୁ ନୂତନ ଏକ ସ୍ୱର୍ଗରେ ପରିଣତ କରିବା ପାଇଁ, ସପ୍ତପାତାଳର ଘୋର ଅନ୍ଧକାରକୁ ତା' ନିଜ ଶରୀରରେ ଉଦ୍‌ଭାସିତ ହେଉଥିବା ତାର ଆତ୍ମଜ୍ୟୋତିରେ ଆଲୋକିତ କରିଦିଏ । ଫଳରେ, ପାତାଳ ଏକ ନୂତନ ସ୍ୱର୍ଗରେ ପରିଣତ ହୁଏ ।

ତା'ପରେ ସେଇ ଗଙ୍ଗା ରୂପିଣୀ ନଷ୍ଟନାରୀ ପାତାଳରୁ ମର୍ତ୍ତ୍ୟପଥ ଦେଇ ସ୍ୱର୍ଗପୁରକୁ ଉଜାଣି ବହିଚାଲେ । ଏହି ପରି ନିତ୍ୟ ଉତ୍ତରଣ ଓ ଅବତରଣ କରି କରି ନଷ୍ଟନାରୀ ସବୁକିଛି ନଷ୍ଟତାକୁ ପୁନର୍ବାର ପୂର୍ଣ୍ଣ କରିଦିଏ ।

ଅପର୍ଣ୍ଣାଙ୍କ 'ନଷ୍ଟନାରୀ' ଆମ ସାହିତ୍ୟରେ ପ୍ରକୃତରେ ଏକ ଅଭିନବ ଗଭୀର ଉଚ୍ଚାଟନମୟ ଓ ଅଫୁରନ୍ତ ପ୍ରାଣଶକ୍ତିରେ ପରିପୂର୍ଣ୍ଣ ଓ ସ୍ପନ୍ଦନମୟ ଏକ ଚମତ୍କାର କବିତା ସଙ୍କଳନ ।

ପାଠକେ ! ଆପଣମାନଙ୍କ ଅବଗତି ନିମନ୍ତେ ତାଙ୍କ ସଙ୍କଳନରୁ କେତୋଟି ମାତ୍ର ପଦ ମୁଁ ଉଲ୍ଲେଖ କରୁଛି ନିଦର୍ଶନ ଭାବରେ । ମୋର ଆଶା ଏତିକି ମାତ୍ର ସୂଚନା ହିଁ ଆପଣଙ୍କ ଭିତରେ ସେହି ନଷ୍ଟନାରୀ ପାଇଁ ଏକ ପ୍ରବଳ ଉନ୍ମାଦନାର ଭାବ ସୃଷ୍ଟି କରିବ ।

(କ) ସମ୍ଭୋଗ କି କାୟା ସହ ମାୟାର ଯୁକ୍ତ ବିଯୁକ୍ତର/ ଅନାହତ ଅତିକ୍ରମଣ /

Source: Author, Digitized by PPRACHIN, SOA

ସପ୍ରେମ ସମର୍ଥନ ! ନଷ୍ଟନାରୀ କରେ ଆବାହନ/ଆସ, ଏଥର ସତକୁ ସତ ସମ୍ଭୋଗ କରିବା/ ସମଭୋଗର ଉଲ୍ଲାସ ଓ ଉଦ୍‌ଭାସରେ ଧ୍ୱଂସ କରିଦେବା/ ସମ୍ଭୋଗ ନାମରେ ଯେତେଯେତେ ବେଦନା ଓ ଅନ୍ଧାରର ପ୍ରହସନ ।

(ଖ) ଆଦି ଅନ୍ତ ପ୍ରେମ/ ଇଷ୍ଟ ଅଭୀଷ୍ଟ ପ୍ରେମ/ ପ୍ରେମ ଇ ଶୂନ୍ୟତା ତା'ର ପ୍ରେମଇ ସର୍ବସ୍ୱ/ପ୍ରେମ ଭିନ୍ନ/ ଅନ୍ୟ କିଛି/ ଯୋଗାଯୋଗ ତୁଚ୍ଛତାର / ତଥାସ୍ତୁ ବୋଲାଇପାରେ / ଜଣେମାତ୍ର ପ୍ରେମ ସିଦ୍ଧ / ଯେ କେହି ପୁରୁଷ ।

(ଗ) ନଷ୍ଟନାରୀର କବିତା / ମେଲାମୁକୁଳା / ଦେହମନର / ବଖାଣ ଅନ୍ତରାଳରେ / ଲୁଚିଥିବା / ନଗ୍ନଧାର / ଛୁରୀ ପରି ସକଳ ଆନୁଷ୍ଠାନିକତାକୁ / ପ୍ରତ୍ୟାଖ୍ୟାନ କରିବାର / ତୀକ୍ଷ୍ଣ ନୀରବତା ।

(ଘ) ସତ କହିତ /ପ୍ରତିବାଦ କି ପ୍ରତ୍ୟାଖ୍ୟାନ ନୁହେଁ / ଆମନ୍ତ୍ରଣ ସମର୍ପଣ, ରମଣରେ ଥାଏ ନଷ୍ଟନାରୀ ।

ବଡ଼ ସାହସରେ ସେ / ଇତିହାସର ପ୍ରତିକୂଳରେ / ଦୀର୍ଘପଥ ଅତିକ୍ରମି / ଏକୁଟିଆ ଚାଲି ଚାଲି ଯାଏ ।

ନିସର୍ଗ-ସୁଖ-ସକଳ ବିରୋଧରେ / ସଭ୍ୟତାର ଚୁକ୍ତିନାମା ସ୍ୱାକ୍ଷରିତ ହେବା ଆଗରୁ / ଥିଲା ଯେଉଁ ଦ୍ୱନ୍ଦ୍ୱହୀନ କବିତାର ମଧୁକ୍ଷରା ଭୂମି / ସେଇଠି ସେ ଆପଣାକୁ ପାଏ ।

(ଙ) ଆତ୍ମଲିଙ୍ଗ, ପ୍ରମତ୍ତ ଯୋଗୀକୁ / ମହାସଙ୍ଗମ ମନ୍ତ୍ରରେ ସେ ଅଭିଷେକ କରେ । ରାତି ଆଲୋକିତ ହୁଏ/ ଦିବସ ଅଂଧାର / ମହାସନ୍ଧ୍ୟାକାଳ ଲଗ୍ନ / ଗଡ଼ି ନଯାଇ ସ୍ଥିର ହୋଇ ରହେ / ସେତେ କାଳ / ଯେତେକାଳ ମହାରାସ ମଣ୍ଡଳରେ / ଜନ୍ମ ମରଣର ଚକ୍ର / ଆବର୍ତ୍ତିତ ହେଉଥାଏ / ଭୁଲିଯାଇ ଦେହର ବିକାର ।

(ଚ) ନଷ୍ଟନାରୀ / ହୀରାରେ ବଂଧାଏ ଛାତି / ରମିବାକୁ ଚତୁର୍ଥ ରମଣ ।

ମୋର ବିଶ୍ୱାସ ଏ ପୃଥିବୀରେ ସବୁ କାଳରେ ବହୁ ସତୀ ନାରୀ ଓ ବହୁ ଭ୍ରଷ୍ଟାନାରୀ ଥିଲେ ଅଛନ୍ତି ଓ ରହିବେ । କିନ୍ତୁ ଅପର୍ଣ୍ଣାଙ୍କ ନଷ୍ଟନାରୀ ପରି ନଷ୍ଟନାରୀ ପୂର୍ବେ ଯେମିତି ଅଳ୍ପ ଥିଲେ ଏବେ ମଧ୍ୟ ସେହିପରି ଖୁବ୍ କମ୍ ଅଛନ୍ତି ।

ଏ ପ୍ରସଙ୍ଗରେ ଆଉ ଗୋଟିଏ କଥା ମଧ୍ୟ ମୋର ମନକୁ ଆସୁଛି । ଅତୀତରେ ପିଙ୍ଗଳାଙ୍କ ପରି ଏତେ ବଡ଼ ନଷ୍ଟନାରୀ ପାଇଁ 'ନଷ୍ଟପୁରୁଷ' ଟିଏ ମିଳିନଥିଲେ । କିନ୍ତୁ ଚିନ୍ତାମଣିଙ୍କ ପରି ନଷ୍ଟନାରୀ-ରତ୍ନ ପାଇଁ ବିଲ୍ୱମଙ୍ଗଳ ପରି ନଷ୍ଟପୁରୁଷଟିଏ ଭାଗ୍ୟକୁ ମିଳିଥିଲେ । ଗଙ୍ଗାକୁ ଧାରଣ କରିବା ପାଇଁ ଦେବଦେବ ଶିବଙ୍କ ବ୍ୟତୀତ ମର୍ତ୍ତ୍ୟଭୂମିରେ କୌଣସି ପୁରୁଷ ପକ୍ଷରେ ସମ୍ଭବ ନଥିଲା । କିନ୍ତୁ ଗଙ୍ଗାସ୍ରୋତରେ ଅବଗାହନ କରି ପବିତ୍ର ହେବା ପାଇଁ ଯେଉଁ ମାହେନ୍ଦ୍ର ସୁଯୋଗ – ତାହା ମଧ୍ୟ ସବୁ ପୁରୁଷଙ୍କ ଭାଗ୍ୟରେ ନଥାଏ । କାରଣ-ପୁରୁଷ ମାନଙ୍କ ପକ୍ଷରେ ଭ୍ରଷ୍ଟ ହେବା ସହଜ । 'ନଷ୍ଟପୁରୁଷ' ହେବା ସହଜ ନୁହଁ ।

Source: Author, Digitized by PPRACHIN, SOA

ଏ ସମ୍ବନ୍ଧେ ମୋର ଶେଷ କଥାଟି ହେଉଛି-ଅପର୍ଣ୍ଣା ଆମର ଆଧୁନିକ ଓଡ଼ିଆ କାବ୍ୟ କ୍ଷେତ୍ରରେ ଏକ ନୂତନ ଭାବସ୍ରୋତ ବୁହାଇ ଓ ଏକ ନୂତନ ସାରସ୍ୱତ ବୀଣା ଶୁଣାଇ ଆମ୍ଭମାନଙ୍କୁ ମୁଗ୍ଧ କରିଛନ୍ତି ଓ ନିଜେ ମଧ୍ୟ ପ୍ରତିଷ୍ଠା ଲାଭ କରିଛନ୍ତି ।

ପରିଶେଷରେ କବି ଅପର୍ଣ୍ଣାଙ୍କୁ ମୁଁ ମୋର ଗଭୀର ଧନ୍ୟବାଦ ଅର୍ପଣ କରୁଛି କାରଣ ଆମ କାବ୍ୟ ସାହିତ୍ୟର ଇତିହାସର ଚର୍ଯାପଦ ପରେ ତାଙ୍କ ବ୍ୟତୀତ ଆମେ ଆଉ କେଉଁ ପ୍ରାଚୀନ କିମ୍ବା ଆଧୁନିକ କବିଙ୍କ କଣ୍ଠରୁ ଭୈରବୀ ସ୍ୱରରେ ଭୈରବସାଧନାର ବ୍ୟାଖ୍ୟା ଶୁଣିନାହୁଁ ।

ମାତ୍ର ମୋର ଆଶା ଓ ବିଶ୍ୱାସ ଅପର୍ଣ୍ଣା ଖୁବ୍ ଶୀଘ୍ର ଏହି ନାରୀ ଭାବ ଓ ନର୍ମ ଚେତନାର ଆଚ୍ଛନ୍ନ ବଳୟ ଭିତରୁ ମୁକ୍ତ ହୋଇ ଜୀବନର ଭିନ୍ନଭିନ୍ନ ଅଭିଜ୍ଞତାର ଗାନ ଆମ୍ଭମାନଙ୍କୁ ଶୁଣାନ୍ତୁ । ମୁଁ ଜାଣେ ତାଙ୍କର ଭୈରବୀ ବ୍ୟକ୍ତିତ୍ୱ ଖୁବ୍ ଶୀଘ୍ର ବୈଷ୍ଣବୀ-ବ୍ୟକ୍ତିତ୍ୱରେ ରୂପାନ୍ତରିତ ହୋଇଯିବ ଏବଂ ସେ ଆମ୍ଭମାନଙ୍କୁ ଏକ ନୂତନ ରାଗିଣୀରେ ଏକ ନୂତନ ଭାବର ସଙ୍ଗୀତ ଶୁଣାଇ ଚମତ୍କୃତ କରିଦେବେ ।

ସେତେବେଳେ ସେ ଆଉ ଚନ୍ଦ୍ର ସୂର୍ଯ୍ୟଙ୍କୁ ବେଖାତିର କରି ସେମାନଙ୍କଠାରୁ ଦୂରେଇ ଯିବେ ନାହିଁ । ବରଂ ସେ ନିଜେ ନିଜର ଜୀବନାକାଶରେ ଚନ୍ଦ୍ରସୂର୍ଯ୍ୟଙ୍କୁ ଏକତ୍ର କରି ନିଜ ବକ୍ଷରେ ଧାରଣ କରିଥିବେ ।

ଆକାଶ ପାତାଳ
ପ୍ଲଟ୍ ନଂ-୧୧୦, ଶହୀଦ୍ ନଗର, ଭୁବନେଶ୍ୱର

Source: Author, Digitized by PPRACHIN, SOA

କେତେ ରୂପରେ ନଷ୍ଟନାରୀ

କୁହ କୁହ ⁝ ୧୫
ଏଇ ସମ୍ଯୋଗ କଥାଟି ୧୮
ପ୍ରଥମ ରମଣ ନିଦ୍ରା ⁝ ୨୧
ନଷ୍ଟନାରୀ ବୁଝି ସାରିଚି ୨୪
ଗୋଟିଏ ଦେହରେ ⁝ ୨୭
ଆଉ ଦୁଃଖରେ ଦୁଃଖୀ ⁝ ୩୦
ପ୍ରେମରେ ପ୍ରତାରଣାକୁ ⁝ ୩୪
ତାକୁ କ'ଣ ଆଙ୍କିହବ ତୂଳୀରେ ⁝ ୩୭
ଦେଖଗୋ ସଙ୍ଗିନୀ ⁝ ୪୦
ମହୀୟସୀ ହେବାର କଳା ⁝ ୪୩
ସେ ପ୍ରେମ କରେ ⁝ ୪୬
ଅସତ୍ୟ ପାଖରେ ସତ୍ୟ ⁝ ୪୮
ଭାବର ପରିଚୟକୁ ⁝ ୫୦
କିବା କଥାକୁ ⁝ ୫୨
କବିତା ଛୁଇଁଲେ ⁝ ୫୫
ସେ କ'ଣ ଆଉ ⁝ ୫୯
ଏତେଦିନ ଧରି ୬୩
କାପୁରୁଷ ଦେବଦ୍ୱ ⁝ ୬୬
କାହିଁକି କେଜାଣି ୬୯

Source: Author, Digitized by PPRACHIN, SOA

ମା ଭୈ...ମା ଭୈ ୭୨
ଅଂଧାର ରାତି ⁞ ୭୫
ଭରପୂର ମୁହୂର୍ତଟିଏ । ୭୮
ଭିତର ହେଉ କି ବାହାର । ୮୦
ଆଖିଏ ସପନ ୮୩
ଦୟାକରି । ୮୬
କବିତା ସଭାକୁ ⁞ ୯୦
ପ୍ରେମିକ ପଣକୁ । ୯୨
ଦାମ୍ପତ୍ୟ । ୯୪
ପ୍ରେମକୁ ସଂପର୍କ ବୋଲି ⁞ ୯୭
ଦୃଶ୍ୟ ଅଦୃଶ୍ୟ କେତେ ଡୋରି ⁞ ୯୯
ସବୁ ନାରୀ ଅଂଗ ପରି ⁞ ୧୦୨
ଶ୍ରାବଣରେ ⁞ ୧୦୫
ଚିହ୍ନିରଖ । ୧୦୮
ସତ କହିଚ । ୧୧୨
ସତ୍ୟ କହିବା ଠାରୁଁ ⁞ ୧୧୫
ଗୋଟିଏ ସରଳ ସତ୍ୟ । ୧୧୮
ଅପୁରୁଷ, କାପୁରୁଷ, ପୁରୁଷ ⁞ ୧୨୧
ପ୍ରୀତିରୁ କବିତା । ୧୨୫
କବି ହେବାକୁ ନୁହେଁ ⁞ ୧୨୮
ଏଇ ନଷ୍ଟ କଥାଟି ୧୩୧

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

କୁହକୁହ

କୁହକୁହ
ଏଥର ସ୍ପଷ୍ଟ କରି
ସବୁକଥା କୁହ

ଭିତରୁ ବାହାରୁ
ଯେତେଯେତେ
ଅସାରତାକୁ
ବାଛବିଚାର ନରଖି
ପୋଛିଦିଅ ।

ଥରେ ସାହସ କରି
ସାଲିସ୍ ଓ ସହିଷ୍ଣୁତାର
ମଇଳା ଓଢ଼ଣା
ଖୋଲିଦିଅ ।

ଅବଶିଷ୍ଟ ରହିବ
ଯେତିକି ଟିକେ ସତ୍ୟ
ସେଇ ତୁମର ଶିବ
ସତରେ...
କି ସୁନ୍ଦର ତୁମେ
ଗୋ କଲ୍ୟାଣୀ
କି ଅତୁଳନୀୟ... ।

Source: Author, Digitized by PPRACHIN, SOA

ଏଇ ସମ୍ଭୋଗ କଥାଟି...

ଏଇ,
ସମ୍ଭୋଗ କଥାଟି
ସତେ କ'ଣ ?

ସମଭାଗ ପ୍ରକୃତି
ସମଭାଗ ପୁରୁଷ
ସମଭାଗ ପ୍ରଜ୍ଞା
ସମଭାଗ ଉପାୟ
ସମଭାଗ ପଦ୍ମ
ସମଭାଗ ବଜ୍ର
ସମଭାଗ ଭଗ
ସମଭାଗ ଶିଶ୍ନ

ସମତାଳ
ସମ ଲୟ
ସମ ଆରୋହ
ଅବରୋହରେ
ଭୋଗ କରିବେ
ସ୍ୱ ସ୍ୱ ପୂର୍ଣ୍ଣତାକୁ
ଶୂନ୍ୟତାକୁ
ମିଳନର ସୁଗନ୍ଧକୁ
ମୋକ୍ଷର ଛନ୍ଦକୁ

Source: Author, Digitized by PPRACHIN, SOA

ଆନନ୍ଦ, ପରମାନନ୍ଦ
ବିରମାନନ୍ଦ ପଥରେ
ନିବିଡ଼...ନିଶ୍ଚିହ୍ନ
ଭୋଗିବେ
ସହଜାନନ୍ଦକୁ

ନିଜ ଅଭ୍ୟନ୍ତରରୁ
ସ୍ରବୁଥିବା
କେଉଁ ଅନିର୍ବଚନୀୟ
ଅମୃତ ତୃଷାରେ
ସମାଧିସ୍ଥ ଅଗସ୍ତି ଅଧର
ଚୁମ୍ବୁଥିବ ମୁହୁର୍ମୁହୁଃ
ଉଦ୍‌ବେଳିତ ସପ୍ତସମୁଦ୍ର ପରି
ନାଭିକେନ୍ଦ୍ରକୁ... ।

ସମ୍ଯୋଗ କି
କାୟା ସହ ମାୟାର
କ୍ଷଣ କ୍ଷଣ
ଯୁକ୍ତ ବିଯୁକ୍ତର
ଅନାହତ ଅତିକ୍ରମଣ
ସପ୍ରେମ ସମର୍ଥନ ! !

ନଷ୍ଟନାରୀ
କରେ ଆବାହନ ।
ଆସ

Source: Author, Digitized by PPRACHIN, SOA

ଏଥର ସତକୁ ସତ
ସମ୍ଭୋଗ କରିବା

ସମ୍ଭୋଗର
ଉଲ୍ଲାସ ଓ ଉଦ୍‌ଭାସରେ
ଧ୍ୱଂସ କରିଦେବା ।
ସମ୍ଭୋଗ ନାମରେ
ଯେତେଯେତେ
ବେଦନା ଓ ଅନ୍ଧାରର
ପ୍ରହସନ.... ।

Source: Author, Digitized by PPRACHIN, SOA

ପ୍ରଥମ ରମଣ ନିଦ୍ରା

ପ୍ରଥମ ରମଣ ନିଦ୍ରା
ଦ୍ୱିତୀୟ ରମଣ ସ୍ୱପ୍ନ
ତୃତୀୟ ରମଣ
ପୂର୍ଣ୍ଣ ଜାଗରଣ ।

ସହସ୍ର ଦଳ କମଳେ
ନିତ୍ୟରତି ରଚିବାର
ଭାବାତୀତ ପରମ ମୁହୂର୍ତ୍ତ
ଚତୁର୍ଥ ରମଣ ।

ପ୍ରଥମ ପାଖରେ ଇ
ସତୀନାରୀକୁ
ସଂସାର ଅଟକେଇ ରଖେ
ଆରମ୍ଭରୁ ।
ଗର୍ଭାଶୟ କୁ ଫିଟିଥିବା
ଗଳିରାସ୍ତାଟି ବ୍ୟତୀତ
ଅନ୍ୟସବୁ ଅନୁଭବର
ପଥ ରୁଦ୍ଧ ଥାଏ ।

ସମ୍ବଳ କେବଳ ଅଶ୍ରୁ
ସାକ୍ଷୀ ଥାଏ
ଅଗ୍ନିର ଦହନ ।

Source: Author, Digitized by PPRACHIN, SOA

ଦ୍ୱିତୀୟରେ ଥାଏ ଏକାକିନୀ
ଅସତୀର ଘର

ଦେହ ଜଣକର
ଆତ୍ମା ଆଉ ଜଣକର
ଅଥଚ ସ୍ୱପ୍ନର ମୁହଁ
ଦିଶୁନଥାଏ ଆଖିକୁ
ଦୃଶ୍ୟ ଦେହ
ଦୃଶ୍ୟ ଦାହ
ଅଦୃଶ୍ୟ ଦୋସର ।

ତୃତୀୟରେ... ।
ରମଣୀର ରମଣୀୟତା
ଆଃ.
ସତେ ଦର୍ଶନ କରିବା କଥା

ସାକ୍ଷାତ ଭଗବତୀଙ୍କ
ନୟନରେ ଚନ୍ଦ୍ରସୂର୍ଯ୍ୟ
ଅଧରରେ ମଧୁକୋଷ
ଉରଜରେ ଅମୃତ କଳସ

ଆଦି ଅନ୍ତ ପ୍ରେମ
ଇଷ୍ଟ ଅଭୀଷ୍ଟ ପ୍ରେମ
ପ୍ରେମଇ ଶୂନ୍ୟତା ତା'ର
ପ୍ରେମଇ ସର୍ବସ୍ୱ

Source: Author, Digitized by PPRACHIN, SOA

ପ୍ରେମ ଭିନ୍ନ
ଅନ୍ୟ କିଛି
ଯୋଗାଯୋଗ- ତୁଚ୍ଛତାର
ତଥାସ୍ତୁ ବୋଲାଇପାରେ
କ୍ଷଣେମାତ୍ରେ ପ୍ରେମସିଦ୍ଧ
ଯେ କେହି ପୁରୁଷ ।

ପ୍ରେମର
ଉଦ୍‌ଭାସିତ ଦିଗନ୍ତରୁ
ଲିଭିଲିଭି ଯାଉଥାଏ
ରାତି, ରତି, ରୀତି

ନଷ୍ଟନାରୀ
ହୀରାରେ ବନ୍ଧାଏ ଛାତି
ରମିବାକୁ
ଚତୁର୍ଥ ରମଣ ।

Source: Author, Digitized by PPRACHIN, SOA

ନଷ୍ଟନାରୀ ବୁଝିସାରିଚି

ନଷ୍ଟନାରୀ
ବୁଝିସାରିଚି
ପ୍ରେମ ଆଉ ମୁକ୍ତି
ଦୁହେଁ
ଏକ ଓ ଅଭିନ୍ନ ।

ପ୍ରେମରେ
ନିଶ୍ଚିହ୍ନ ହୁଏ
ଅଧିକାର, ଅହଂକାର
ମୁଁ'କାର...,
ଜରା, ବ୍ୟାଧି, ମୃତ୍ୟୁ
ତିରୋହିତ ହୁଏ

ଶରୀରରୁ
ଶରୀରକୁ
ଆତଯାତ ହେଉଥାଏ
ପଦ୍ମପତ୍ରରେ ଜଳପରି
ଢଳଢଳ ନିର୍ମଳ ଆନନ୍ଦ
ମହକୁଥାଏ
କ୍ଷଣଜନ୍ମା
ଅନନ୍ତ ଯୌବନ... ।

Source: Author, Digitized by PPRACHIN, SOA

ପ୍ରେମ ଇ
ଦେହକୁ କରେ
ପବନ, ପାଣି
ଆଲୁଅ ପରି
ନୀରିହ, ଉଜ୍ଜ୍ୱଳ ।

ପ୍ରାଣରୁ
ଶଙ୍କା ଓ ସଙ୍କୋଚ ପୋଛିଦିଏ

ପ୍ରସ୍ଫୁଟିତ ହେବାର
ରହସ୍ୟ ଫିଟାଏ

ପାଦରେ ପକ୍ଷୀର ଡେଣା
ହାତରେ ଅଜ୍ଞାତର
ଠିକଣା ଦିଏ ।

କ୍ରମଶଃ କ୍ଷୀଣ ହେଉଥିବା
ଅର୍ଥହୀନ ରେରେକାର ନାଦରେ
ନଷ୍ଟନାରୀ
ପଛକୁ ଚାହିଁ ଦେଖେ
ପ୍ରେମ ବୋଲି କେତେ ଭାର
କେତେ ଅନ୍ଧାର
କେତେ କାରାଗାରକୁ
ସେ ସହି ଆସିଲା
ଏତେଦିନ... ।

Source: Author, Digitized by PPRACHIN, SOA

ସର୍ତ୍ତ ସଂପର୍କ ଶୂନ୍ୟ
କେଉଁ ସ୍ୱଚ୍ଛନ୍ଦ ଉତ୍ତରଣ
କେଉଁ ପବିତ୍ର ଆରୋହଣ
କେଉଁ ଦିବ୍ୟ ସମ୍ମୋହନର
ଅନ୍ତଃପୁରେ ସଜ୍ଜିତ
ଓଁକାର ଇଷିକାରର
ଯୁଗନଦ୍ଧ ମଧୁ ଶଯ୍ୟା ଧାରେ
ମୁକ୍ତିର ପ୍ରଦୀପରେ
ପ୍ରେମ ଶିଖା ତୋଳି ଜଳେ

ଜାଣିବା ପରେ ତ
ବଧୂବେଶରେ ନଷ୍ଟନାରୀ
ନିଜକୁ କରିଚି ସମର୍ପଣ ।

Source: Author, Digitized by PPRACHIN, SOA

ଗୋଟିଏ ଦେହରେ

ଗୋଟିଏ ଦେହରେ
କେତେ ନା କେତେ
ଦେହର ଅନୁଭବକୁ
ଭୋଗିଚି, ଭୋଗୁଚି
ନଷ୍ଟନାରୀ ।

ସେଇ ଗୋଟିଏ ଦେହତ
ସକଳ ବୋଧର ପାଦଭୂମି

ସେଇଠୁ ଆରମ୍ଭ ହୁଏ
ଯେତେଦ୍ୱନ୍ଦ୍ୱ
ଯେତେ ପୀଡ଼ା
ଯେତେ ଶୃଙ୍ଖଳ
ଯେତେ ଦ୍ରୋହ
ପୁଣି ସୁଖତମ ସୁଖ
ଆନନ୍ଦର
ସମାହିତ ବ୍ୟାପ୍ତି-ବିଲୁପ୍ତିରେ
ମୁକ୍ତ-ଅବାଧ
ବିଚରଣ କରିହୁଏ
ତାକୁ ହିଁ ଆଶ୍ରା କରି

ଏଇ
ଛୋଟ, ଭଙ୍ଗୁର

Source: Author, Digitized by PPRACHIN, SOA

ରକ୍ତମାଂସ
ପିତୁଳାର
କି ଶକ୍ତି !

କ୍ଷଣକରେ ଫିଙ୍ଗିଦିଏ
ପୋକଯୋକ, ସରୀସୃପ
କୃମି ସାଲୁବାଲୁ
ଚଉରାଶୀ ନର୍କ ଭିତରକୁ

କ୍ଷଣକେ ଉତ୍ତୀର୍ଣ୍ଣ କରିଦିଏ
ରମିବାକୁ
ପାରିଜାତ ସୁବାସିତ
ସ୍ୱର୍ଣ୍ଣଦୀ ସିଂଚିତ
ବଂଶୀସ୍ୱନେ ସମ୍ମୋହିତ
ମୃତ୍ୟୁହୀନ
ଦିବ୍ୟ ସ୍ୱର୍ଗ-ପୁରୀ

ସେ ଧର୍ମ, ଅର୍ଥ
କାମ ହେଉ କି ମୋକ୍ଷ
ଦେହ ବ୍ୟତୀତ
ଆତ୍ମାକୁ ନିବେଦି ହୁଏ
କେଉଁ ସତ୍ୟ ?
ନଷ୍ଟନୀରୀ
କବିତା ପରି

Source: Author, Digitized by PPRACHIN, SOA

ଦେହକୁ ଗଢୁଚି, ପଢୁଚି
ସାକ୍ଷୀ ହୋଇ
ଅବାକ୍ ଦେଖୁଚି
କେତେବେଳେ
ତା' ଦେହ
ମାଟିର କଣ୍ଢେଇଠାରୁ
ତୁଚ୍ଛ...ଅସହାୟ

କେତେବେଳେ
ଆଲୋକ ପୁଲକର
ଡେଣାମେଲି
ଉଡ଼ିଯାଉଚି ସେଇ ଦେହ
ସତେ କି
ସୁଧାରେ ତିଆରି କେଉଁ ପରୀ... ।

Source: Author, Digitized by PPRACHIN, SOA

ଆଉ ଦୁଃଖରେ ଦୁଃଖୀ

ଆଉ
ଦୁଃଖରେ ଦୁଃଖୀ
ହେବାକୁ ନୁହେଁ,

ଏଥର
ସୁଖରେ ସୁଖୀ ହେବାକୁ
ସାଥୀଟିଏ
ଖୋଜେ ନଷ୍ଟନାରୀ ।

ମା' ଶିଖେଇଥିଲା
କାନେ କାନେ...
ତା ଭାଗ୍ୟ ପଥର ତଳେ ।
ସାଙ୍ଗସାଥୀ ସାଇପଡ଼ିଶା
ସ୍ୱାମୀ... ।
ଶେଷକୁ ପ୍ରେମିକ ବି
ଦେଖେଇ ଶିଖେଇ କହିଲା
ସ୍ତ୍ରୀଲୋକର
ତ୍ୟାଗର ମହନୀୟତା କଥା ।

ନିଜର ବୋଲି
କିଛି ନରଖି
କେମିତି ମାଟିରେ
ସ୍ୱର୍ଗ ଗଢ଼ିଦିଏ...

Source: Author, Digitized by PPRACHIN, SOA

ଗୀତ ବୋଲା
ଛବି ଅଙ୍କା
କବିତା ଲେଖା
ଟେନିସ୍ ଖେଳିବା
ଅଣବଣରେ ବୁଲିବାଠୁଁ
କେମିତି ବଡ଼
ବହୁତ ବଡ଼

ସ୍ୱାମୀଙ୍କୁ ରାନ୍ଧିବାଢ଼ି ଖୁଆଇବା
ପିଲାଛୁଆଙ୍କୁ ମଣିଷ କରିବା... ।

ରତିର ଧାର୍ ଧାରୁ ନଥିବା
ଗୋଟିଏ କୁତ୍ସିତ
ଉତ୍ତେଜନାକୁ
ଆଖିବୁଜି ସହିଗଲେ ।
ଗୋଡ଼ରୁ ମୁଣ୍ଡଯାଏଁ
ବୁର୍ଖା ପିନ୍ଧିଦେଲେ
କେମିତି ତ୍ରାହିମିଳେ
ପାପ-ବୋଧରୁ... ।

ସ୍ତ୍ରୀ ଲୋକଟି ଭଲ
ଭାରି ଭଲ
ବସୁଧା ସେ
ସର୍ବଂସହା...
ତା' ପାଇଁ

Source: Author, Digitized by PPRACHIN, SOA

ଅସହ୍ୟ ନୁହେଁ
କିଛି ବ୍ୟଥା... ।

ଖାଲି ତା'
ପ୍ରତିବାଦରେ ନଥାଏ
ପବିତ୍ରତା... ।

ଯୁଗଯୁଗ
ନାରୀ ବ୍ରତ ପାଳିଲା ପରେ...
ଧରା, ସରଗ ହୁଏନା...
ଦେବତା ଦୂରର
ମଣିଷଙ୍କ ସଂଖ୍ୟା
ଏତେ ନଗଣ୍ୟ କାହିଁକି ?

ଗୋଡ଼ିପରି
ପ୍ରଶ୍ନଟିଏ ଦିନେ
ଅଚଳ ପଥରଗଦାକୁ
ଫିଙ୍ଗିଦେଲା
ଅନ୍ୟମନସ୍କ ନଷ୍ଟନାରୀ ।

ସେ କ'ଣ ଜାଣିଥିଲା
ଯେ ଏତେବଡ଼ ପର୍ବତ ଦୋହଲିଯିବ ମୂଳରୁ ?

ଫିଟିଆସିବ
ତା' ଭାଗ୍ୟ (କି ଦୁର୍ଭାଗ୍ୟ)ର

Source: Author, Digitized by PPRACHIN, SOA

ସରୁ ଝରଟିଏ ।
ରାତି ଅଧରେ
ବାଘ ଭାଲୁ ଗଡ଼ିବେ
ପାଣି ପିଇବାକୁ ।
ତା' ସୁରରେ ଗୀତ ଗାଇ
ତା' ସୁଅରେ ନାଆ ହୋଇ
ଭାସିବାକୁ ଆସିବନି
ଜଣେ ବି ନାଉରୀ ।

Source: Author, Digitized by PPRACHIN, SOA

ପ୍ରେମରେ ପ୍ରତାରଣାକୁ...

ପ୍ରେମରେ ପ୍ରତାରଣାକୁ
ସ୍ୱୀକାର କରେନା ନଷ୍ଟନାରୀ ।

ପ୍ରେମ ତ
ତା ଅନ୍ତରର
ସାତରାଜା ଧନ
ପ୍ରତିଶବ୍ଦ, ପ୍ରତିରୋଧ
ପ୍ରତିସ୍ପର୍ଦ୍ଧାହୀନ ।

ଆପଣାକୁ
ଅକୁଣ୍ଠିତ ଅଜାଡ଼ିବା
ଯାହାର ଧର୍ମ, କର୍ମ, ଧ୍ୟାନ

ହୃଦୟର ଟଳମଳ
ବାଉଁଶରାଣୀର ଖେଳରେ
ଯେତିକି ଏକାଗ୍ର
ସେତିକି ସେ ଉପାୟବିହୀନ ।

ଏଇ ଆତ୍ମଶୂନ୍ୟ
ତଲ୍ଲୀନତାର ପ୍ରବଳ
ପ୍ରବାହ ଆଗରେ
ପ୍ରତାରଣା ପରି
ତୁଚ୍ଛ ଅନୁଭବଟିଏ
କେଉଁଠି ବା ରହନ୍ତା କିପରି ? ?

Source: Author, Digitized by PPRACHIN, SOA

ନଷ୍ଟନାରୀର ପ୍ରେମ, ପ୍ରାର୍ଥନା
ଓ ଶେଷ ସମର୍ପଣ
ମଝିରେ
କୃତଜ୍ଞ କୈଇଦଣ୍ଡର
ସର୍ତ୍ତହୀନ ବିରହ ମିଳନ ।

ପ୍ରେମ 'ଚୁକ୍ତି' ନୁହେଁ ଯେ
ଖିଲାପ ହେବା ଭୟରେ
ସେ ଆନନ୍ଦ ଲହରୀରୁ
ଅଣ୍ଡାଳିବ ତୁଠପଥର
ସଂକୁଚିତ କରିଦେବ
ଦେହ...ମନ...ପ୍ରାଣ ।

ନଷ୍ଟନାରୀ ଜାଣେ
ପ୍ରେମ ତ ଅବାଟ
କେଉଁ ଆବହମାନ କାଳରୁ ।

ପ୍ରେମପଥରୁ
ତାକୁ ବାଛିବାକୁ ପଡ଼ିବ କଣ୍ଟା
ଓ ବିଛାଇବାକୁ ହେବ ଫୁଲ ।

ତା ସହିତ
କିଏ କେତେ ଦୂର
ଚାଲିଲେ କି ନଚାଲିଲେ
ସେ ହିସାବ କରିବାକୁ
ଡର କାଇଁ ? ?

Source: Author, Digitized by PPRACHIN, SOA

ସେ ଥରକୁ ଥର
ବରଣ କରୁଥାଏ
ଆବେଗରେ ଉନ୍ମତ୍ତ ଅଙ୍ଗୀକାରକୁ

ପ୍ରେମରେ ଉଚ୍ଛନ୍ନ
ତା ଅସ୍ତବ୍ୟସ୍ତ
ଜବାକୁସୁମ ପାଦ ପାଖରେ
ପଡ଼ିଥିବା ସବୁ ପାଦଚିହ୍ନ
ଦିଶୁଥାଏ ଦେବୋପମ
ଅକ୍ଷୟ ଅମ୍ଳାନ ।

Source: Author, Digitized by PPRACHIN, SOA

ତାକୁ କ'ଣ ଆଙ୍କିହେବ ତୂଳୀରେ

ତାକୁ କ'ଣ
ଆଙ୍କିହେବ ତୂଳୀରେ ?
ଗଢ଼ିହେବ ପଥରରେ ?
କହିହେବ କବିତାରେ ?

ଉଡ଼ାଣରେ ଈଗଲ୍
ଗଡ଼ାଣରେ ଜଳପ୍ରପାତ
ରଟିବାରେ କୁହୁ
ଲୋଟିବାରେ ଢେଉ
ମିଶାଣରେ ସୁବାସ
ଫେଡ଼ାଣରେ ସନ୍ନ୍ୟାସ
ଧରି
ସେ ଠିକଣା
ବଦଳଉଥାଏ ବାରଂବାର

ଜଣକ ପାଖକୁ
ଯିବା ପାଇଁ
ଯେତେ ଅଙ୍କା ବଙ୍କା
ବାଟ-ଅବାଟ
ସେ ସଳଖ କରୁଥାଏ
ଆପଣା ଗତିରେ...

Source: Author, Digitized by PPRACHIN, SOA

ସେଇ ଜଣକ
ଯିଏ ତାକୁ
ସର୍ଜନା କରିବ
ସର୍ବସ୍ୱ ସମର୍ପିଥିବା
ନିର୍ବିଚାର
ନିବିଡ଼ ପ୍ରୀତିରେ ।

କିଛି ବ୍ୟଥା
କିଛି ଗୀତି
କିଛି ତୃପ୍ତି
କିଛି ଭ୍ରାନ୍ତି
ଓ ଶେଷକୁ
ଆତ୍ମକ୍ରାନ୍ତିରେ ତିଆରି
ହୁଏ ନଷ୍ଟନାରୀ ।

ଅବିକଳ
ପ୍ରକୃତି ଠାଣିରେ
ନିତି ନୂଆ ନୂଆ କରି
ତାକୁ ଗଢୁଥିବା କାରିଗର
ଅନ୍ୟକୋଉଠି ନଥାଏ ।

ଥାଏ ନଷ୍ଟନାରୀର
ଭାବରେ ଭାବନାରେ
କାହାଣୀରେ ଚାହାଁଣିରେ
ହସରେ ରୋଷରେ
ଶ୍ରମଣରେ ରମଣରେ

Source: Author, Digitized by PPRACHIN, SOA

କେତେବେଳେ
ସେ ନଷ୍ଟନାରୀର
ପାଦ ପଖାଳୁଥାଏ
ଲୋତକର ଲୁଣିପାଣି ହୋଇ

କେତେବେଳେ
ସେ ତା'ର
ନଗ୍ନ କପାଳରେ
ମିଠାମିଠା
ରତି-ଶ୍ରମ-ବାରି ।

Source: Author, Digitized by PPRACHIN, SOA

ଦେଖଗୋ ସଙ୍ଗିନୀ

ଦେଖଗୋ ସଙ୍ଗିନୀ
ମୋ ନଗ୍ନତା
କେତେ ସତେ ନିଷ୍ପାପ ନୀରିହ

ଦେଖ୍ଲ ତ
କି ବ୍ୟାଧିଜର୍ଜରିତ
ଅସହାୟ, ପରିତ୍ୟକ୍ତ
ମୋର ଗର୍ଭାଶୟ ।

ଏଇ ମୁଠାକ
ରକ୍ତମାଂସ ଭିତରେ
ଖୋଜିପାଇଲ କି
କଣିକାଏ ନିଆଁ
କି କିମିଆଁ
ଯାହା ଦହିପାରେ
ମୋହିପାରେ ସଂସାରକୁ

ସମ୍ପାଦିପାରେ
ଯାବତୀୟ ପାପକୁ

ଏଇଥିପାଇଁ କ'ଣ
ସକଳ ଧ୍ୱଂସ ମୂଳରେ ମୁଁ ?
ସତେ ମୋ'ରି ପାଇଁ

Source: Author, Digitized by PPRACHIN, SOA

ସୃଷ୍ଟିର ତାଣ୍ଡବ
ଯେତେକ ପ୍ରଳୟ ? ? ?

କିଛି ନାଇଁ...କିଛି ନାଇଁ
ମୁଁ ତ ଚିରକାଳ
ସ୍ମିତିମତୀ, ଋତୁମତୀ
ଭୋଗ୍ୟା ବସୁନ୍ଧରା

ନିଆଁ, ଧୂଆଁ, କିମିଆଁ
ବିଷ, ଅମୃତ
ସରଗ, ନରକ
ପାପ ପୂଣ୍ୟ

ସବୁ ସେଇମାନଙ୍କ ଭିଆଣ
ସେଇ ବୀରମାନଙ୍କର
ସବୁ ପ୍ରାପ୍ତି
ଯେତେ ଜୟ
ଯେତେ ପରାଜୟ

ଯୁଦ୍ଧ ଲଢ଼ିବାକୁ
କେବେବି
ଇଚ୍ଛାକରେନା ନଷ୍ଟନାରୀ ।

ଛୋଟ ଦେହଟି ତ'ର
ପ୍ରେମ, କରୁଣା କଲ୍ୟାଣରେ
ସ୍ୱଚ୍ଛ, ସୁଗନ୍ଧିତ

Source: Author, Digitized by PPRACHIN, SOA

ସମର୍ପଣର ଦୀପାବଳୀରେ
ଉଦ୍‌ଭାସିତ ।

ସୃଜନର ପୁଲକରେ
ପୁଲକିତ ।
କେତେବେଳେ
ପ୍ରିୟା ତ
କେତେବେଳେ
ମାଆ ଡ଼ାକକୁ
ଥାଏ କାନ ଡେରି ।

ହୃଦୟର
ସଙ୍ଗୀତ ଶୁଣିବା
ଆଶାରେ ତ
ସେ ଚୁପ୍‌ଚାପ୍ ଥାଏ
ସବୁବେଳେ ।

ନିଜନିଜ
ହିଂସା ଓ ଅହଂକାରର
ଡିଣ୍ଡିମ ପିଟୁଥିବା
ଉଭୟ ପକ୍ଷର
ବାହୁବଳୀମାନେ
ତା' କୋମଳ ନୀରବତାକୁ
ପିନ୍ଧେଇ ଦିଅନ୍ତି
ଆର୍ତ୍ତନାଦ -ଧ୍ୱନିତ
ଧ୍ୱଂସର ବଳୟ ।

Source: Author, Digitized by PPRACHIN, SOA

ମହିୟସୀ ହେବାର କଳା...

ମହୀୟସୀ
ହେବାର କଳା
ନଷ୍ଟନାରୀ
ଜାଣେନା ଜାଣେନା

ସତୀ, ଦେବୀ
ଦୋଚାରୁଣୀ ପରି
କେତେ ବେଶ
କେତେ ଛଦ୍ମବେଶ
ସେ ପିନ୍ଧିଚି
ଓ ଉତାରି ସାରିଚି

କେଜାଣି କୋଉ କୋଉ
ଛକରେ ହଜେଇ ଦେଇଚି
ନାରୀ ପଣର
ଯେତେ ସବୁ
ଗମ୍ୟ ଅଗମ୍ୟ
ଠିକଣା ।

ଆଜି ତା'
ଦେହ ମନରେ
ଅଣୁଏ ଶୂନ୍ୟସ୍ଥାନ ନାଇଁ

Source: Author, Digitized by PPRACHIN, SOA

ସବୁଠିଁ ଲେଖି ରଖିଚି
ପ୍ରତ୍ୟେକ ସଂପର୍କ ସହିତ
ଅଙ୍ଗେ ନିଭାଇ ଥିବା
ଜିଜ୍ଞାସା, ସମର୍ପଣ
ସଂଶୟ, ବିସ୍ମୟ
ସାହସ ଅସହାୟତା
ପ୍ରେମ ଏବଂ ଘୃଣା

ପ୍ରକାଶ୍ୟରେ
ନିଜକୁ ନିଜେ
ସତ କୁହୁଥିବା
ସ୍ୱରଠାରୁ
ବିପଜ୍ଜନକ ପ୍ରତିରୋଧ
ଆଉ କ'ଣ ଥାଇପାରେ
ମହାନ ହେବାର
ଭବ୍ୟ ପ୍ରତିଯୋଗିତାରେ ?

ନିଜକୁ
ନିଜଠୁଁ
ଲୁଚେଇ ଲୁଚେଇ
ନଷ୍ଟନାରୀ
ଖେଳିପାରେନା ସଂସାରର ଖେଳ ।

ଏତିକି ମାତ୍ର ଜାଣେ
ସେ ଦିନେ ନିହତ ହେବ
ଗୁଳି କିମ୍ବା ଗୁଜବରେ

Source: Author, Digitized by PPRACHIN, SOA

ଯେ କୌଣସି ମୁହୂର୍ତ୍ତରେ
ତା' ଆତ୍ମାର ଦର୍ପଣରେ
ପ୍ରତିବିମ୍ବିତ ହେବ
ପୃଥିବୀର
ସବୁଠୁଁ ନୀରବ ଦୁର୍ଘଟଣା ।

Source: Author, Digitized by PPRACHIN, SOA

ସେ ପ୍ରେମ କରେ

ସେ ପ୍ରେମ କରେ
ସହସ୍ର ସହସ୍ର ବାର
ପ୍ରେମ କରେ ।

ଖାଲି କଥା
କି ଚିଠିପତ୍ରରେ ନୁହେଁ
ସର୍ବସ୍ୱ ହରେଇ ଦିଏ ପ୍ରେମରେ
ଓ ମରେ ।

ଯେତେଥର ପ୍ରେମକରେ
ସେତେ ଥର ମରେ ।

ଚରମ ଆତ୍ମବିସ୍ମରଣର
ପରମ ଆହ୍ଲାଦ ବ୍ୟତୀତ
ପ୍ରେମରେ ପ୍ରାପ୍ତି
ବା ଆଉ କ'ଣ ?

ନଷ୍ଟନାରୀ
ସେତିକି ପାଇଁ
କେତେବେଳେ
ନଈସୁଅକୁ ଶେଯ ମଣେ
ଗଳିତ ଶବକୁ ମଣେ ନୌକା
ବିଷଧର ସର୍ପକୁ

Source: Author, Digitized by PPRACHIN, SOA

ଅନ୍ତିମ ଅବଲମ୍ବନ ଭାବି
ଜାକିଧରେ ।

ପ୍ରେମରେ
କେବଳ ବିଫଳତା
ମିଳେବୋଲି
ଯେଉଁମାନେ
ଡାକିହାକି କହନ୍ତି
ଅନ୍ୟକୁ ଦୋଷ ଦିଅନ୍ତି ।

ସେମାନଙ୍କ ପାଇଁ
ନଷ୍ଟନାରୀ
ନିଜ ପ୍ରଶସ୍ତ କପାଳରେ
ଲେଖି ରଖିଚି
ଏକ ବାର୍ତ୍ତା ।

ପ୍ରେମରେ
ସବୁ ଲୁହା ମୁକ୍ତା
ସବୁ ରକ୍ତକ୍ଷରଣ କୃଷ୍ଣଚୂଡ଼ା
ସବୁ ଦୀର୍ଘଶ୍ୱାସ ପଦ୍ମବନ
ସବୁ ଅନ୍ଧାର ଚନ୍ଦ୍ରୋଦୟ
ସବୁ ଆଘାତ ମହା ପ୍ରସାଦ
ସବୁ ବ୍ୟାକୁଳତାରେ
ଈଶ୍ୱରଙ୍କୁ ଆଲିଙ୍ଗନ କରିବାର
ପବିତ୍ରତା ।

Source: Author, Digitized by PPRACHIN, SOA

ଅସତ୍ୟ ପାଖରେ ସତ୍ୟ

ଅସତ୍ୟ ପାଖରେ ସତ୍ୟ
ଭୟ ପାଖରେ ନିର୍ଭୀକତା
ସଂଶୟ ପାଶେ ପ୍ରତ୍ୟୟ
ପ୍ରବଞ୍ଚନା ପାଶେ ପ୍ରେମ
ରହେନା ଯେପରି ।

ସଂସାରର
ଛଳ ଛଦ୍ମ ପାଖରେ
ରହିପାରେନା ନଷ୍ଟନାରୀ

ଆକାଶର
ଅନନ୍ତ ନୀଳିମା ଦିଗରେ
ବାହୁ ପ୍ରସାରିବା ବେଳେ
ତାକୁ ଦିଶେ ନାଇଁ
ତୁଚ୍ଛତାକୁ
ପ୍ରତିଷ୍ଠିତ କରିବାର
ଛିଦ୍ରପଥ ।

ପ୍ରେମର ନଗ୍ନ ସମ୍ମୋହନକୁ
ସର୍ବସ୍ୱ ସମର୍ପି ଦେଲା ପରେ
ତାକୁ ଆବୋରି ପାରେନି
ଆଉ କେଉଁ ବନ୍ଧନର
ରେଶମୀ ପଣତ ।
ସବୁଠୁଁ ଅନ୍ତରଂଗ

Source: Author, Digitized by PPRACHIN, SOA

ଆକାଙ୍‌କ୍ଷାରେ ଜୁଡୁବୁଡୁ
ଖୋଲାମେଲା ଛାତି

ସବୁ ପ୍ରତାରଣାକୁ
ବେଖାତିର କରୁଥିବା
ହଳେ ସଫା ଆଖି

ଓ ଥରକୁ ଥର
ବାଟ ହୁଡ଼ିବାର ଆଘାତରେ
ରକ୍ତ ସରସର
ଯୋଡ଼େ ପାଦ ଧରି
ସ୍ୱୈରିଣୀ ନା ସନ୍ନ୍ୟାସିନୀ
ସତରେ
କାହାପରି ସେ ଦିଶେ ?

ରଙ୍ଗବେରଙ୍ଗର
ଆଖିଝଲସା ଛଳନା
ଚିକିମିକି ଲୋକ ଦେଖାଣ
ଆତ୍ମବଡ଼ିମାର
ମତୁଆଲା ଜଲ୍‌ସା ବାହାରେ

ସେ ଠିଆ ହୋଇଥାଏ
ଉପେକ୍ଷିତ, ଅନାଘ୍ରାତ
ନିର୍ମଳ ଆତ୍ମବିଶ୍ୱାସର
ଶାନ୍ତ-ଶୀତଳ ପୋଷେ
ଚନ୍ଦ୍ରମଧୁ ପରି ।

Source: Author, Digitized by PPRACHIN, SOA

ଭାବର ପରିଚୟକୁ

ଭାବର ପରିଚୟକୁ
ମଧୁରତର ପାଇବାକୁ
ଦେହର ପରିଚୟକୁ
ଇତର ତର କରି
ନଷ୍ଟନାରୀ
ଚେରିମେଲି ଭେଦିଯାଏ
ଅତଳତଳ
ପାତାଳ ।

ପଙ୍କରୁ କର୍ଦ୍ଦମରୁ
ପାପରୁ ଅନ୍ଧାରରୁ
ଶ୍ୱାସରୋଧୀ ହଳାହଳରୁ
ଚଉରାଶୀ ନରକ ଭୋଗରୁ
ଆହରଣ କରୁଥାଏ ରସ ।

ସେ ଜାଣେ
କୋଉଠି ନା କୋଉଠି
ମହାଶୂନ୍ୟରେ
ଉଡ଼ିବୁଲୁଚି ତା'
ପ୍ରିୟତମ ହଂସ ।

ଯେତେ ଗଭୀରକୁ
ଯିବ ଦେହ

Source: Author, Digitized by PPRACHIN, SOA

ସେତେ ଊର୍ଦ୍ଧ୍ୱକୁ ମେଲିଯିବ ଭାବର
ଶାଖା-ପ୍ରଶାଖା ।

ସେତିକି ସଂଚିତ ହେବ
ଛଣା-ସୁଧା-ପ୍ରୀତି
ପଚାସଢ଼ା ଅସ୍ତିତ୍ୱରୁ
ସେତିକି ଫୁଟିଉଠିବ
ପ୍ରିୟତମ ହଂସର
ପ୍ରିୟ... ପ୍ରିୟ...
ଆକାଶ ମୃଣାଳ ।

ଦେହର ସକଳ ଆକାଙ୍‌କ୍ଷାକୁ
ପ୍ରାଣଭରି ଆଦର କଲାବେଳେ
କୃତଜ୍ଞ ଦେହ ହିଁ
ତାକୁ ମୁକ୍ତ କରୁଥାଏ
ସବୁ ଅସତ୍ୟରୁ ।

ମଞ୍ଜେଥାଏ ମୂଳ
ଆଉ ସ୍ୱର୍ଗେ ଲାଗେ ଡାଳ
ନିତ୍ୟ ସୁଖ ମହକଇ
ତୁଚ୍ଛ ଅନିତ୍ୟରୁ ।

Source: Author, Digitized by PPRACHIN, SOA

କିବା କଥାକୁ...

କିବା କଥାକୁ
ଏତେ କଥା... ।

ପ୍ରେମ, ଦ୍ରୋହ
ତମେ, ଅନ୍ୟମାନେ କି
ଆଉ କିଛି ପାଇଁ ନୁହେଁ
ଖାସ୍ ନିଜ ପାଇଁ
ଏଥର ତା
 ସମଗ୍ର କବିତା ।

ଚଉଦିଗ ଅନ୍ଧାର
ଶୁନ୍‌ଶାନ୍ ହେଲେ
କୋଉଠୁ କେଜାଣି
ତା' ଭିତରେ

ଠୁଳ ହୁଅନ୍ତି ଆସି
କୋଟି କୋଟି ନାରୀ ।

ତାକୁ କବଳିତ କରନ୍ତି
ନିଜନିଜ ଲୁହର ହିସାବ
ଲେଖନ୍ତି ତା ' ଆଖିପତାରେ
ଆର୍ତ୍ତନାଦ ଓ କ୍ରୋଧକୁ
ବୋମାପରି ଖଞ୍ଜି ଦିଅନ୍ତି
ଗଳାରେ...

Source: Author, Digitized by PPRACHIN, SOA

ନିଷ୍ଫଳ ଆକ୍ରୋଶରେ
ଛାତିକୁ ତା'
ପକାନ୍ତି ବିଦାରି ।

ସେମାନଙ୍କର ଜନ୍ମ, ମୃତ୍ୟୁ, ହତ୍ୟା
ବଳାତ୍କାର
ଭ୍ରାନ୍ତି ଓ ସ୍ୱପ୍ନଭଙ୍ଗର
ରାଶିରାଶି
ସତ୍ୟକଥନରେ
ତା'ର ଫର୍ଦ୍ଦ ଫର୍ଦ୍ଦ
ଅନ୍ତରାତ୍ମା
ସବୁ ଶାସ୍ତ୍ର ପୁରାଣ
ମହାକାବ୍ୟ ଇତିହାସଠାରୁ
ଓଜନିଆ ଲାଗେ ।

ଯାତନା ନଗର ଆଡ଼େ
ମାଡ଼ିଚାଲେ
ସେମାନଙ୍କ ଶୋଭାଯାତ୍ରା
ସେ ପାଦ ଘୋଷାରୁଥାଏ
ପଛରେ , ଉନ୍ମାଦିନୀ ପ୍ରାୟ

ଏଣେ ବାରଣ କରୁଥାଏ
ତ ତେଣେ
ଅନୁସରଣ କରୁଥାଏ
ଅସହାୟ... ।

Source: Author, Digitized by PPRACHIN, SOA

ହସୁଥାଏ, କାନ୍ଦୁଥାଏ
କି ଗୀତ ଗାଉଥାଏ
କେଜାଣି...
କେହି କହେ ନଷ୍ଟନାରୀ
କେହି କହେ କବି

ତା' ଗୁଣୁଗୁଣୁ ସ୍ୱର
କାହାକୁ ଶୁଭେ
ରାଗ ଆଶାବରୀ ପରି
କେହି ସେଠି ଶୁଣିପାରେ
ଧ୍ୱଂସର ଭୈରବୀ ।

Source: Author, Digitized by PPRACHIN, SOA

କବିତା ଛୁଇଁଲେ

କବିତା ଛୁଇଁଲେ
ନଷ୍ଟନାରୀ
ଭୁଲିଯାଏ
ସିଏ ଜଣେ ନାରୀ ।

କବିତାକୁ ଆବ୍ରୁହୀନ
ଦେହ-ମନର
ସୁଖ-ଦୁଃଖ
ସମର୍ପିଲାବେଳେ
ସେ ମନେ ରଖିପାରେନା
ଭଂଜଠାରୁ
ଭାନୁଜୀ ଯାଏଁ
ତା' ଦେହର
ଟିକିନିଖି
ଦାୟିତ୍ୱ ନେଇଛନ୍ତି
ଆଉ ମନରେ... ?

ଖୁବ୍ ବେଶୀରେ
ତା' ଭାଗ୍ୟରେ ପଡ଼ିବ
ଫାଳେ ଅପ୍ରାକୃତ ପ୍ରେମମୂର୍ତ୍ତି
ନହେଲେ କଦବା କ୍ୱଚିତ୍
କେଉଁ ଦେବୀ
କି ଅପ୍‌ସରୀ ।

Source: Author, Digitized by PPRACHIN, SOA

ନିଜକୁ ଭଲଲାଗୁଥିବା ସବୁ
ଲୁଚେଇ ଲୁଚେଇ
ସେମାନଙ୍କୁ, ଭଲଲାଗୁଥିବା ସବୁ
ଦେଖେଇ ଦେଖେଇ

କାଳ କାଳ
ପ୍ରତାରିତ,
ଆତ୍ମ ପ୍ରତାରିତ ହେବାର
ହୀନମନ୍ୟ ଦହନ ଭିତରୁ
ଅନାବୃତ ପଦ୍ମ ପ୍ରତିମା ପରି
କବିତାରେ
ନିଜକୁ ନିଜେ
ଉଦ୍ଧାର କରେ ନଷ୍ଟନାରୀ

କଲମ ଧରିଲେ
ତା'ର ଶୀର୍ଣ୍ଣ
ଲଙ୍ଗଳା ହାତଟି
ତାକୁ କହେ
ପାପ ପୂଣ୍ୟ
ଦେହ-ବିଦେହ
ଆଉ ଯାହା
ଥାଉ-ନଥାଉ

କବିତାରେ
ସତ୍ୟର ଅପଳାପ ହେଲେ

Source: Author, Digitized by PPRACHIN, SOA

କବିତା, କବିତା ହୋଇ
ରହିବ ନାହିଁ ଆଉ

ନଷ୍ଟନାରୀ
ଚେତନ ଅବଚେତନରେ
ନିଜକୁ
କବିତା ସହ
ଏକାକାର କରେ...

କବିତାର
ନିହାଣରେ
ହାଣିହାଣି
ଦେଖୁଥାଏ
ନିଜ ଅପୋଡ଼ା ପିଣ୍ଡର
କାରିଗରୀ

କ୍ଷଣକେ ପିଙ୍ଗଳା
କ୍ଷଣକେ ଈଶ୍ୱରୀ
ପୁଣି କ୍ଷଣକେ କିଶୋରୀ
ତା' ଅସ୍ତିତ୍ୱର
ସକାଳ ବେଢ଼ା ଅଳିନ୍ଦ
ମୁଖଶାଳା...ଗର୍ଭଗୃହ
ପରିକ୍ରମା କରି

Source: Author, Digitized by PPRACHIN, SOA

ଶେଷରେ
ନାରୀତ୍ୱର
ଦୁସ୍ତର ପାରାବାରକୁ
ଅତିକ୍ରମ କରୁଥାଏ
ଅଘୋରୀ ଶବ୍ଦ ସୁନ୍ଦରୀ

ସ୍ତବ୍ଧ ହୋଇ ଚାହିଁଥାଏ
ମୁଗ୍ଧ ନଷ୍ଟନାରୀ ।

Source: Author, Digitized by PPRACHIN, SOA

ସେ କ'ଣ ଆଉ...

ସେ କ'ଣ ଆଉ
କେବଳ ସ୍ତ୍ରୀ ଲୋକଟିଏ
ହୋଇ ଅଛି ଯେ
ତାକୁ କିଛି
କହିଲେ ବାଧିବ !

କେତେଥର
କେତେ ମଶାଣି ନିଆଁରେ
ପୋଡ଼ି ହୋଇ
ଛାତିରୁ ରକ୍ତ ନିଗାଡ଼ି
ନିଜକୁ ନିଶ୍ଚିହ୍ନ କରିବା
ଯଜ୍ଞରେ, ଆହୂତି
ଦେଇଦେଇ
ନିଜର ଚିତାଭସ୍ମର
ବିଭୂତି ବୋଳିହୋଇ
ନଷ୍ଟନାରୀ
ଯୋଗିନୀ ପରି
ଖୋଜୁଚି
ତା' ନିଜର
ଦିବ୍ୟ ସୀମାରେଖା... !

ତାକୁ ଏକୁଟିଆ
ଖୋଲାମେଲା ଦେଖି

Source: Author, Digitized by PPRACHIN, SOA

ଯେତେ ଯୋଗୀ, ତାନ୍ତ୍ରିକ
ତାଳବେତାଳ, କାପାଳିକ
ଶବବାହକ...
ପାଖକୁ ଆସିଲେ...
ସମସ୍ତଙ୍କୁ
ସେ ସେଇ ଗୋଟିଏ ପ୍ରଶ୍ନ
ପଚାରିଛି ବାରମ୍ବାର ।

କେତେଦୂର... ?
ଆଉ କେତେଦୂରକୁ ଗଲେ
ସେ ଦେହ ଥାଇ
ଦେହରେ ନଥିବ ।
ରୂପଥାଇ ଅରୂପକୁ
ଅନ୍ତ ଥାଇ ଅନନ୍ତକୁ
ଆଦି ଥାଇ ଅନାଦିକୁ
ଅନାୟାସେ ଛୁଇଁପାରୁଥିବ ।

କୁହ କୁହ
ତା ଅସ୍ତିତ୍ୱର
ସବୁ ସ୍ନାୟୁ
ସବୁ ତନ୍ତ୍ରୀକୁ
ଝଙ୍କୃତ କରି କୁହ
କେଉଁ ମନ୍ତ୍ରେ ନିନାଦିତ ହେଲେ
ଭିତର ବାହାର ସବୁ
ନୀରବ ହେଲାପରେ ବି

Source: Author, Digitized by PPRACHIN, SOA

ସେ ଅନବରତ ଶଙ୍ଖ, ଘଣ୍ଟା
ବଂଶୀ-ନାଦ ଶୁଣିପାରୁଥିବ ।

ତା' ସହିତ
ତମେ ଓ ବିଶ୍ୱନିୟନ୍ତା
ସମାହିତ ହୋଇ
ପ୍ରଣବ ଭିତରେ ଦେବେ ଦେଖା !

ପ୍ରଶ୍ନାକୁଳିତ
ଉନ୍ମୁକ୍ତ
ଅବାରିତ
ସେ ଉଭାହେଲା
ଯେତେବେଳେ..

ମୂଳାଧାର
ଯୋନି, ନାଭି
ସ୍ତନମଣ୍ଡଳ
କଣ୍ଠରୁ କପାଳ
ସମସ୍ତେ ଭାବିଲେ
ତାକୁ ପଥ.... !

ତା'ର
ପଥରୁ ପାଦ୍ଧ ପାଲଟିବା କଥା
କେହି ଜାଣିଲେ ନାହିଁ

Source: Author, Digitized by PPRACHIN, SOA

କାହାକୁ ଦିଶିଲାନାହିଁ
ତା' ସମାଧିସ୍ଥ
ନେତ୍ର ଆଗରେ
ଏ କେଉଁ ମହାସୁଖର
ଅସୀମ ବିସ୍ତାର
ଉଦ୍‌ଭାସିତ.... !

Source: Author, Digitized by PPRACHIN, SOA

ଏତେଦିନ ଧରି...

ଏତେଦିନ ଧରି
ସେମାନେ
କ'ଣ ବା ଦେଲେ
ଏ ପୃଥ୍ୱୀକୁ ?

ହିଂସା ଓ କ୍ଷମତାର
ଅଂଧ ପ୍ରତିଯୋଗିତା
ବସୁନ୍ଧରାକୁ ଭୋଗ କରିବାର
ଭ୍ରଷ୍ଟ ଠିକଣା,

ଘନଘନ ଯୁଦ୍ଧ
ରକ୍ତପାତ, ବଳାତ୍କାର ।
ପ୍ରେମର ପ୍ରତିଦାନରେ
ଅସଂଖ୍ୟ ଦାୟିତ୍ୱହୀନ
ବୀର୍ଯ୍ୟକଣା ।
ଓ ଆମମାନଙ୍କ ମନରେ
ନିଜର ଗର୍ଭ
ସୌନ୍ଦର୍ଯ୍ୟ, ଶକ୍ତି
ସର୍ବୋପରି ନିଜପ୍ରତି
କିଛି ବ୍ୟଥା
କିଛି ଅସହାୟତା
କିଛି ବିରାଗ
ଓ ଭରପୂର ଘୃଣା !

Source: Author, Digitized by PPRACHIN, SOA

ଅବିକଳ ମୋ ପରି
ମୁହଁ ବୁଜି
ନିଜ ଆତ୍ମା ଓ ଧରିତ୍ରୀର
ନିର୍ଯ୍ୟାତନା ସହୁଥିବା
ଆଗୋ ମାଟି ପଥରର
ଦେବୀମାନେ...

ଯୁଗାବ୍ଧି ଧରି
ବିଳାସ ଓ ଅହଂକାରର
ପୁନଃପୌନିକ ଦୁର୍ଘଟଣାରେ
ପୁରୁଷତ୍ୱ ହରାଇଥିବା
ଦେବତାମାନଙ୍କର
ଆଉ କ'ଣ ତେଜ
ଅଛି ଯେ...
ତୁମେ ସେଥିରୁ
ଦୁର୍ଗା ହୋଇ
ସମ୍ଭବିବ ବୋଲି
ଅପେକ୍ଷା କରିଚ ?

ଆଗୋ ନଷ୍ଟନାରୀ
ଏବୁ ସବୁ ମାଟିପଣ
ଓ ଶିଳାପଣର
ନିର୍ବେଦତାକୁ
ଧର୍ଷିତାର ଅସଂଯତ
ବସ୍ତ୍ରପରି ଫିଙ୍ଗିଦେଇ

Source: Author, Digitized by PPRACHIN, SOA

ପ୍ରକମ୍ପିତ ହେବାର,
ପ୍ରତିଆଘାତ ଦେବାର
ବେଳ ଆଖର ହେଲାଣି
ଜଗତର କଲ୍ୟାଣ ପାଇଁ ।
ଛଦ୍ମ ପୌରୁଷ ପାଦରେ
ଶୁଦ୍ଧ ନାରୀତ୍ୱକୁ
ନୈବେଦ୍ୟ ଦେବାର
ତଥାକଥିତ ପୂଣ୍ୟଫଳ
ଦେଖ...
କେମିତି କାକୁସ୍ଥ ହୋଇ
ହାତଯୋଡ଼ି ତୁମ ପାଖରୁ
ମାଗୁଛି ମେଲାଣି ।

Source: Author, Digitized by PPRACHIN, SOA

କାପୁରୁଷ ଦେବତ୍ୱ

କାପୁରୁଷ ଦେବତ୍ୱ
ଅପୁରୁଷ ଦାନବତ୍ୱ
ମଝିରେ...
ପଶୁର ବିଶ୍ୱସ୍ତ ପିଠି ।

କ୍ଲୀବ ମାନବ ଆଗ;େର
ବିବସନା...
ଆଦିମା ପ୍ରକୃତି ।

ଏଥର ବଦଳିଯାଏ
ଦର୍ପଣରେ ପ୍ରତିବିମ୍ବ ।
ସର୍ବାଙ୍ଗ
କ୍ରୋଧ ଓ ଗ୍ଲାନିରେ କଳା
ମୁକ୍ତ ହୁଏ
ପୁଷ୍ପ ସଜ୍ଜିତ ଗଭା ।
କଟାହାତ କଟମୁଣ୍ଡର
ପରିଧାନ ପ୍ରସାଧନରେ
କାହିଁ ସେ ବଧୂଲି ଓଠ ?

ଲହୁ ଚହ ଚହ ଜିହ୍ୱା
ଝୁଲିପଡ଼େ
ତାଚ୍ଛଲ୍ୟ କରେ
ଆତଙ୍କିତ କରେ

Source: Author, Digitized by PPRACHIN, SOA

ଅହଂକାରକୁ
ଲାଳସାକୁ
ବିଳାସକୁ

ରୁଧିରାକ୍ତ ନଗ୍ନଦେହ
ମହାକାଳ ଅଂଜଳିରେ
ସଦ୍ୟ ପ୍ରସ୍ଫୁଟିତ
ସତେ ଏକ ରକ୍ତଜବା ।

କି ବଳି ମାଗୁଛି
କାତ୍ୟାୟନୀ ?
ଶତ ମହିଷ ?
ସହସ୍ର ଛାଗ
ନା ଅଗଣିତ
ଅକାଳ କୁଷ୍ମାଣ୍ଡ ?

ଗର୍ଭରେ ସଦ୍ୟ ସଂଚାରିତ
ନାରୀର ଅନୁକୂଳରେ
ଏ ପୃଥିବୀକୁ ପ୍ରସ୍ତୁତ କରିବାକୁ
ଲୋଡ଼ାହେବ
କାହା...କାହା ମୁଣ୍ଡ ?

କାଗଜ ଡଙ୍ଗାରେ ଭରା
ନଷ୍ଟନାରୀର ସ୍ୱପ୍ନକୁ
ସେ କୂଳକୁ ବାହିନେବ
ନିରାପଦରେ

Source: Author, Digitized by PPRACHIN, SOA

ଯେଉଁ ରକ୍ତନଦୀ
ସେ ନଦୀର
ଉତ୍ପତ୍ତି କେଉଁଠୁ ?

ଖର୍ପର
ମନ୍ଦିର
ସିଂହାସନ
ରଣଭୂମି
ଅବା ରାଜଦାଣ୍ଡ ?

ଆଜିଯାଏଁ
କେବଳ ଗର୍ଭପାତର
ଶୋଣିତ ସିଂଚିତ
ଯୋନି ବିବର ଭିତରେ
ତାଣ୍ଡବରେ ମତ୍ତଥାଏ
ବିଶ୍ୱରୂପା

ଦର୍ପଣର ବନ୍ଦୀଶାଳାରୁ
ବାହାରି ଆସେ ଛାୟାନାରୀ
ଫୁଲମାଳଟିଏ ହୋଇ
ଲଂବିଯାଏ
ମହାକାଳୀ ଚରଣରେ

ବ୍ରହ୍ମାଣ୍ଡରେ ଗୁଂଜରି ଉଠେ
ପ୍ରସବ ବେଦନା
ନା ଦେବୀସ୍ତୁତି ?

Source: Author, Digitized by PPRACHIN, SOA

କାହିଁକି କେଜାଣି

କାହାଁକି କେଜାଣି
ତାକୁ ପ୍ରେମ କରୁଥିବା
ଲୋକଙ୍କର
ବାରମ୍ବାର କ୍ଷମାଯାଚନା
କରିବା
ଲୋଡ଼ାହୁଏ
ତା'ର ନଗଣ୍ୟରୁ ନଗଣ୍ୟତମ
ପ୍ରକାଶିତ, ପ୍ରେମାନୁରାଗରେ ।

କେମିତି କେଜାଣି
ଏ କଥା ବି
ଆଗରୁ ଜଣାଥାଏ
ସେହି ନଷ୍ଟନାରୀକୁ
ତେଣୁ ସେମାନେ
ପଛେପଛେ

ଚାଲିଥିବାବେଳେ
ତା' କ୍ଷମାଶୀଳତା
ଚାଲିଥାଏ ଆଗରେ ଆଗରେ ।

କଣ୍ଟା ଝଣ୍ଟା ନମାନି
ପ୍ରୀତି ପଥରେ ଧାଉଁଥିବା
ନଷ୍ଟନାରୀଟିଏ

Source: Author, Digitized by PPRACHIN, SOA

ତାକୁ ବେଳ କାହିଁ ଦେଖିବାକୁ
ସେମାନଙ୍କର ତା' ସହିତ
ଚାଲିନପାରିବାର
ଅଭିନୟ ବିଭିନ୍ନ ବାଗରେ !

ନାରୀଟିଏ
ଋତୁମତୀ ହେଲାମାତ୍ରେ
ପ୍ରେମିକର ବେଶଧରି
ପ୍ରଲୁବ୍ଧ ହୋଇପଡୁଥିବା
ଅହଂକାରମାନେ
ଶୁଦ୍ଧା ପ୍ରୀତିମତୀ ପାଖରୁ
ପଳାୟନ କରିବାର
ଶେଷଦୃଶ୍ୟ
ଇତିହାସର ମଞ୍ଚରେ
ଲକ୍ଷଲକ୍ଷ ବାର
ଅଭିନୀତ ହୋଇସାରିଲାଣି ।

ପ୍ରେମର ଅଚଳାଚଳ
ସଂପଦର ଦେବୀକୁ
କ୍ଷମାର ଖୁଚୁରା ମାଗିମାଗି
କେତେ ଅଣନାୟକ
ଲୁଚିଛପି ନେଲେଣି ମେଲାଣି

ଯୁଗଯୁଗ ଧରି
ଏସବୁ ଦେଖିଲା ପରେ

Source: Author, Digitized by PPRACHIN, SOA

କ୍ଷମାକୁ ମହାର୍ଘ ବୋଲି
ଭାବେ ନାହିଁ କେବେ ନଷ୍ଟନାରୀ

ମାଗିବା ଆଗରୁ
ଠିକ୍ ସେତିକି ଆବେଗରେ
ସେ କ୍ଷମାକୁସୁମ
ବିଛାଇଦିଏ
ସେମାନଙ୍କ ବାହୁଡ଼ାବାଟରେ

ଦିନେ ତାଙ୍କ ଆସିବା ପଥକୁ ଚାହିଁ ଚାହିଁ
ସେ ପ୍ରୀତି କୁସୁମ
ସଜାଇଥିଲା
ଯେତେ ସରାଗରେ... ।

Source: Author, Digitized by PPRACHIN, SOA

ମା ଭୈ...ମା ଭୈ

ମା ଭୈ...ମାଭୈ
କାହାର ଝାଉଁଳା ଗାଲରୁ
ଲୋତକର ଦାଗ ପୋଛିଦେଇ

କାହାର ଉଦାସ ମୁହଁକୁ
ଛାତିରେ ଥରେ ଆଉଜାଇ

କାହାର ଅଦେଖା କ୍ଷତକୁ
ଦୀର୍ଘଶ୍ୱାସରେ ସାଉଁଳେଇ
କାହାର ଡହଳ ପ୍ରାଣକୁ
ଦି' ଟୋପା ଲୁହରେ
ଶୀତଳେଇ

କାହାର ଭଙ୍ଗା ହୃଦୟକୁ
ଅକାଟ୍ୟ ସତ୍ୟରେ
ସଳଖେଇ
ନଷ୍ଟନାରୀ ଯାଏ କହି କହି
ମାଭୈ... ମାଭୈ... ।

କେହି ବୋଲି
କେହି ନଥାନ୍ତି
ସେଇ ଏକାକିନୀ
ନାରୀଟି ସାଥିରେ ।

Source: Author, Digitized by PPRACHIN, SOA

ଯେଉଁମାନଙ୍କୁ, ନିରୋଳାରେ
ସେ ଦମ୍ଭ ଦେଉଥାଏ
ବୋଧ ଦେଉଥାଏ
ଆପଣାରେ ଭାବୁଥାଏ

ସେଇମାନେ ହିଁ
ପାଞ୍ଚମେଳରେ
ଭୁରୁ ନଚେଇ
ଜଣେ ଆଉ ଜଣକୁ
କାନରେ କହନ୍ତି
ଚରିତ୍ରହୀନାଟା ମ...
ଅମୁକ କହୁଥିଲେ ପରା
ସମୁକ ସାଙ୍ଗରେ
ତାକୁ କେଳି କରୁଥିବାର
ସେ ଦେଖି ଥିଲେ
ତମୁକ ରାତିରେ.... ।

ନଷ୍ଟନାରୀ
ସବୁ ଶୁଣେ
ହସିଦିଏ ଓ ଭାଳି ହୁଏ...
କେବଳ ଦେହମନ ନୁହେଁ
ଚେତନାକୁ ବି
ଯୁଗଯୁଗର ନୀଚତା
ହୀନମନ୍ୟତା ପାଖରେ
ବିକ୍ରୀ କରିଦେଇଥିବା
ପ୍ରିୟସଖୀମାନଙ୍କୁ

Source: Author, Digitized by PPRACHIN, SOA

ପୃଥିବୀର ମୁକ୍ତିପାଇଁ
ସେ ମୁକୁଳେଇ ପାରିବ
ସତେ, କେଉଁ ମୂଲ୍ୟ ଦେଇ ?

ଆତ୍ମାର ଗନ୍ତାଘରୁ
ଏକଦା କାଢ଼ି ଫିଙ୍ଗିଦେଇଥିବା
ଅସତ୍ ସତୀତ୍ୱର
ଭଙ୍ଗା ଖୋଳପାଗୁଡ଼ିକ
ସହସା ଝଲସିଯାଏ
ଅପାର୍ଥିବ ଆତ୍ମବିଶ୍ୱାସର
ଅସରନ୍ତି ମଣିମୁକ୍ତା ହୋଇ ।

Source: Author, Digitized by PPRACHIN, SOA

ଅଂଧାର ରାତି

ଅଂଧାର ରାତି
ଚୋରା ପୀରତି
ଗୋପନ ଚିଠି
ଏ ସବୁ
ତା ଭାଗ୍ୟରେ ନାହିଁ

ଭଲପାଏ ତ
ବାସ୍ ଭଲପାଏ
ଯୁଆଡ଼େ ଗଲେ
ତା ପଛେ ପଛେ
ଚାଲିଥାଏ
ଦେହ-ମନ ସର୍ବସ୍ୱ ଦେଇ
କହିଥିବା
ଏଇ ପଦେ ସତକଥାର
ଶୁଭ୍ର ଉଜ୍ଜ୍ୱଳ ଏକ ଛାଇ ।

ସେ ଛାଇର
ଉଦ୍‌ଭାସିତ ବଳୟ ଭିତରେ
ଗୋଟେ ଭୂତୁଣୀ ପରି
ଦିଶେ ନଷ୍ଟନାରୀ ।

ସତ୍ୟକଥନ ଜ୍ୱାଳାରେ
ତା' ପାଖରୁ

Source: Author, Digitized by PPRACHIN, SOA

ଘୁଂଚି ଘୁଂଚି ଯାଉଥିବା
ନିରାପଦ ଜୀବନକୁ
ସେ ହାତପାତି
ପ୍ରଶ୍ନ କରୁଥାଏ ।

ସତ କହ, ସତ କହ
'ସତ୍ୟ' କ'ଣ
ସତରେ ଅସାମାଜିକ
ଅଶାଳୀନ ?
ସତ୍ୟ କ'ଣ
ମିଥ୍ୟାର ପଶାପାଲିରେ
ଅସ୍ମିତା ହାରିନଥିବା
ନଗ୍ନ ଶିର
ନଗ୍ନ ପାଦ
ପ୍ରୀତିର ଭିଖାରୀ ?

ନଷ୍ଟନାରୀ ଜାଣିଥାଏ
ସତ୍ୟର
ସୀମା ମାଡ଼ି ନଥିବା ଯାଏଁ
ପ୍ରୀତି-ପଥ ଆକାଙ୍କ୍ଷିତ
ଚୋରା ଚୋରା
ଗୋପନ.. ଗୋପନ ।
ଥରେ
ସତ୍ୟର ଇଲାକାରେ
ପାଦ ଦେଲେ

Source: Author, Digitized by PPRACHIN, SOA

ସୂର୍ଯ୍ୟର ଅଭିସାର
ସବୁ ସ୍ୱପ୍ନ
ସତ କରିଦିଏ ।

ଲୁଚାଛପା ଯେତେସବୁ
ଅଂଧାରି ଦରଜା
ଦିଶୁଥାଏ ଭଙ୍ଗାରୁଜା
ବିପନ୍ନ...ବିପନ୍ନ... ।

Source: Author, Digitized by PPRACHIN, SOA

ଭରପୂର ମୁହୂର୍ତ୍ତଟିଏ

ଭରପୂର ମୁହୂର୍ତ୍ତଟିଏ
ହାତମୁଠାରେ ରଖିଚି
ନଷ୍ଟନାରୀ ।

ସେଇ ମୁହୂର୍ତ୍ତଟିରେ ଅଛି
ଜନ୍ମ ଜନ୍ମର
ଅଭୀପ୍‌ସା ଓ ଉତ୍ତରଣ
ଲକ୍ଷେ କାକର ଟୋପାର ଚୁମ୍ବନ
କୋଟିଏ ତାରାଙ୍କ ଆମନ୍ତ୍ରଣ
ସହସ୍ର ପଦ୍ମକୋଷରେ
ସାତସହସ୍ର ଭ୍ରମରଙ୍କ
ଉନ୍ମତ୍ତ ରମଣ ।

ସେଇ ମୁହୂର୍ତ୍ତକରେ ଅଛି
ଜଣେ ଆରଜଣକ
ହୋଇଯିବାର ସମ୍ମୋହନ ।

ଏ ମୁହୂର୍ତ୍ତକୁ...
ସେ ଦେବାକୁ ଇଚ୍ଛାକରେ
ତୁମକୁ ।

ତୁମେ ତୁମର
ଜାମା-ଜୋତା ସହିତ

Source: Author, Digitized by PPRACHIN, SOA

ଦେହ-ମନକୁ ବି
ଓହ୍ଲେଇଦେଇ
ଆସ ଭିତରକୁ ।

ସେ ହାତମୁଠା
ଫିଟେଇଦେବ
ଓ ତୁମ ନିଃଶ୍ୱାସରେ ଭରିଯିବ
ଚିରନ୍ତନ ମିଳନର
ଅବ୍ୟକ୍ତ ମଧୁର
ସେଇ ଶିହରଣ ।

Source: Author, Digitized by PPRACHIN, SOA

ଭିତର ହେଉ କି ବାହାର

ଭିତର ହେଉ
କି ବାହାର
ପ୍ରକୃତିକୁ
ପ୍ରତିରୋଧ କରିବାର
ଦଂଭକୁ
ଜଳାଂଜଳି ଦେଇଚି
ନଷ୍ଟନାରୀ ।

ନଦୀ ସାଥୀରେ
ମିଶେଇଦେଇଚି
ଗତି ।
ନକ୍ଷତ୍ରରେ
ରଖିଦେଇଚି ସ୍ୱପ୍ନ
ଫୁଲପାଖୁଡ଼ାରୁ
ଶିଖିଚି , ହସିବା
ଆଷାଢ଼ ପାଖରୁ
ଋଷିବା

ତାକୁ
ଜଳପ୍ରପାତ ଦେଇଚି
ଉଦ୍ଦାମତା
ସୂର୍ଯ୍ୟାଲୋକରୁ
ସେ ଆଣିଚି କବିତା ।

Source: Author, Digitized by PPRACHIN, SOA

ଲଙ୍ଗଳମୂନର
ଓଦାମାଟିକୁ
ସ୍ପର୍ଶ-ଲଗ୍ନରେ
ସେ ଶିଖିଚି ରମଣ

ଧୂଳିରେ
ଗଙ୍ଗଶିଉଳି ଫୁଲର
ଆତ୍ମସମର୍ପଣ ପାଖରୁ
ଶିଖିଚି ମରଣ ।

କେତେ ବାଟ
କେତେ ଘାଟର
ଭଙ୍ଗାଗଢ଼ାର
ମିଛିମିଛିକା ଖେଳ
ଖେଳିସାରିଲା ପରେ
ନଷ୍ଟନାରୀ
ନିଜକୁ ହଜେଇ ଦେଇଚି
ନିସର୍ଗ-ସୁରତିରେ

ଏତେ ସୁଖ
ଏଇ ପରିପୂର୍ଣ୍ଣ
ଆତ୍ମ ବିସ୍ମୃତିରେ... !

ଆଜି
ନେତ୍ର ମୁଦିଲେ

Source: Author, Digitized by PPRACHIN, SOA

ଇଷ୍ଟ ଦର୍ଶନ
ବାହୁପ୍ରସାରି ଦେଲେ
ପ୍ରିୟତମ
ଅଙ୍ଗ ଛୁଇଁଲେ
ମଧୁର ମିଳନ... ।

ସେ ତ
ପ୍ରୀତିର ନୀତି
ହୋଇ ଯାଇଚି
ସଂସାର ଓ ସଂପର୍କର
ବିରତିରେ... ।

Source: Author, Digitized by PPRACHIN, SOA

ଆଖିଏ ସପନ...

ଆଖିଏ ସପନ
ଛାତିଏ ବିଭୋରପଣ
ବୟସର ନିକିତିରେ
ତଉଲି ହଉନଥିବା
ପ୍ରେମିକାର
ଢେଉପରି ମନ ।

ସଜାଡ଼ି ସାଇତି
ତୀର୍ଥରେ ପାଦଦେବା ବେଳକୁ
ରାତି ପାହିଯାଇଥାଏ

ଛାତିରେ ଲଦା ହୋଇଥାଏ
ପାଷାଣ
ଶୁଖିଲା ବେଳାବାଲିରେ
ଦିଅଁଙ୍କର ନିଷ୍ପଲକ
ଉଜୁଡ଼ା ନୟନ !

ପୁରୀ ଭୁଲିପାରେନା
ନଷ୍ଟନାରୀକୁ
ନଷ୍ଟନାରୀ ଭୁଲିପାରେନା
ପୁରୀ... ।

ଆହା...
ନଷ୍ଟନାରୀର ପୁରୀ... !

Source: Author, Digitized by PPRACHIN, SOA

ସିଂହଦ୍ୱାର ଆଗରେ
ଅନନ୍ତ ପ୍ରତୀକ୍ଷାରତ
ଚାହାଁଣିର ସାମିଆନା
ଦେହର ଯୁଗଳବନ୍ଦୀରେ
ନୃତ୍ୟରତ ସମୁଦ୍ରଲହରୀ ।

ଆତ୍ମାର
ପରିଣୟ ଲଗ୍ନରେ
ବଡ଼ଠାକୁରଙ୍କ ଓଠରେ
ଇନ୍ଦ୍ରଧନୁର ବଙ୍କାହସ

ଚକାଚକା ଡ଼ୋଳାରେ
ଓ ବଳିଆର ଭୁଜତଳେ
ଦୁଇଟି ସମର୍ପିତ ପ୍ରାଣ ପାଇଁ
ଅସରା ସେ କରୁଣାର
ରହସ୍ୟ ମାଧୁରୀ... ।

ରତ୍ନ ସିଂହାସନ ଛୁଇଁ
ନଷ୍ଟନାରୀ ପାଇଁ
ଧନଜନ ବଦଳରେ
ଆଉକେହି
ମାଗେ ନାହିଁ ପ୍ରେମ ।

ଲେଉଟାଣି ବାଟରେ
ମୁଣ୍ଡ ଆଉଁସି ଦେଇ

Source: Author, Digitized by PPRACHIN, SOA

ପୁରୀ କହେ
ନାକ କାନ୍ଦୁରୀ
ପ୍ରେମପାଗଳୀକୁ...

ଆଉଥରେ
ଏକୁଟିଆ ଆସିବୁ ଲୋ
ସ୍ୱର୍ଗଦ୍ୱାର ବାଲିରେ
ତୋ ପାଇଁ
ସଜାଡ଼ିଥିବି ଶେଯ
ଭୁଲିଯିବୁ
ଯେତେ ପଥଶ୍ରମ ।

Source: Author, Digitized by PPRACHIN, SOA

ଦୟାକରି

ଦୟାକରି
କେହିତାକୁ
କୁହନାହିଁ
ସେ କେମିତି ହସିବ
ବସିବ,
କାହାକୁ ପ୍ରେମ କରିବ ।
କବିତାରେ କେଉଁ ଶବ୍ଦ
ଦେବ କି ନଦେବ ।

ସଭ୍ୟତାର ପୃଷ୍ଠା
ଲେଉଟ ପାଉଟ କରି
ବାରମ୍ବାର...
ସେ ଦେଖିପାରିଚି
ଯୁଗ ଯୁଗ ଧରି
ସତ୍ୟ ହିଁ ସବୁକାଳେ
ମୃତ୍ୟୁଦଣ୍ଡ ପାଇଚି
ସମାଜ ପାଖରୁ ।

ଅଥଚ
ଏକାକୀ ସେଇ
ସତ୍ୟ ହିଁ
ହାତ ଧରି ଟାଣଇଆଣିଚି
ସମାଜକୁ
ଯାବତୀୟ ନୀଚତା

Source: Author, Digitized by PPRACHIN, SOA

ଓ ଅମାନବିକତାର
ଅନ୍ଧକୂପରୁ... ।

କବିତାରେ
ସତ୍ୟକୁ ସାବ୍ୟସ୍ତ କରିବାର
ସାଧନାରେ
ସମାଜର ସବୁ ହିସାବକୁ
ତେଣୁ ସେ ହାତଯୋଡ଼ି
ମେଲାଣି ମାଗିସାରିଚି
ଅନେକ ଆଗରୁଁ ।

ମୁକ୍ତିର ଜିଦ୍‌ରେ
ସେ ପଂଝୁରୀକୁ ବି
କରିସାରିଲାଣି ଆକାଶ...

ଉଡ଼ାଣମୁଖୀ
ପକ୍ଷୀଟିଏ ପରି
ସେ ଖାତିର୍ କରେନା
କେଉଁଠି...
କିପରି ପଡୁଛି
ତା'ର ଦିଗହଜା
ଲଘୁ ପାଦଚିହ୍ନ ।

ବାହାର ଓ ଭିତରର
ଅସଂଖ୍ୟ ଶିକୁଳିକୁ

Source: Author, Digitized by PPRACHIN, SOA

ଝିଙ୍କି ଝିଙ୍କି
ଡେଣା ଝାଡ଼ିବାବେଳେ
ଯେତିକି
ବେଦନା
ସେ ଅନୁଭବ କରେ
ସେତିକିରୁ...
ସେ ଜାଣିପାରେ
ସେ ନଷ୍ଟନାରୀର
ବନ୍ଧୁମିତ୍ର, କୂଳଗୋତ୍ର
କେହି ନାହିଁ କିଛି ନାହିଁ

ପ୍ରେମ ଓ ମୁକ୍ତିପାଇଁ
ମରୁଥିବା ନାରୀମାନଙ୍କର
ସେ କେବଳ
ସମ୍ମିଳିତ ଏକ ବୃନ୍ଦଗାନ ।

ନଷ୍ଟନାରୀ
ଧୀରେ ଧୀରେ ବୁଝେ
କବିତା ଲେଖିବା
ଓ କବିତା ଜୀଇବା
କେବେହେଲେ
ଏକାକଥା ନୁହେଁ ।

କବିତାରେ ବଂଚିବା
ସୀମା ନୁହେଁ ବ୍ୟାପ୍ତି
ଉଚ୍ଚାସନ ନୁହେଁ ମୁକ୍ତି

Source: Author, Digitized by PPRACHIN, SOA

ଅସହାୟତା ନୁହେଁ ଶକ୍ତି
ଭୋଗ ନୁହେଁ ଭକ୍ତି
ଆଚ୍ଛାଦନ ନୁହେଁ ଉନ୍ମୁକ୍ତି ।

ନଷ୍ଟନାରୀର କବିତା
ମେଲାମୁକୁଳା
ଦେହମନର
ବଖାଣ
ଅନ୍ତରାଳରେ, ଲୁଚିଥିବା
ନଗ୍ନଧାର ଛୁରୀପରି
ସକଳ ଆନୁଷ୍ଠାନିକତାକୁ
ପ୍ରତ୍ୟାଖ୍ୟାନ କରିବାର
ତୀକ୍ଷ୍ଣ ନୀରବତା ।

ସେ ସ୍ୱପ୍ନ ହେଉ
ବା ସତୀତ୍ୱ
ମର୍ଯ୍ୟାଦା ହେଉ ବା ମହତ୍ତ୍ୱ
କାହାକୁ ଚିରିବା ଆଗରୁ
ନିଜକୁ ଚିରି ବିଦାରି
ଯିଏ ନିଜଠୁଁ
ବିଚ୍ଛିନ୍ନ କରିସାରିଛି
ନାରୀତ୍ୱର
ଯେତେ ଛଦ୍ମ ସ୍ତୁତିପାଠ
ଯେତେ ଆତ୍ମପ୍ରତାରଣା
ଯେତେ ଅଲଂଘ୍ୟ
ଧାରାବାହିକତା... ।

Source: Author, Digitized by PPRACHIN, SOA

କବିତା ସଭାକୁ...

କବିତା ସଭାକୁ
ଗଲାବେଳେ
ନଷ୍ଟନାରୀ ପିନ୍ଧିଥାଏ
ପ୍ରେମିକର ଉପହାର ଶାଢ଼ି ।

ତା' ମନର ମଣିଷ
ଖାଲି କବିତାର
ଶବ୍ଦରେ ନଥାଏ
ଭାବର ଶିରାପ୍ରଶିରା ପରି
ଶାଢ଼ିର ସୂତାରେ ସୂତାରେ
ଛନ୍ଦି ହୋଇ
ଦେହର ଅଣୁ ଅଣୁରେ
ଥାଏ ଜଡ଼ି ।

ନଷ୍ଟନାରୀ ଜାଣିଥାଏ
ଧନ ଜାଗାରେ
ମନର, ସବୁତକ
ଅନୁରାଗ ଅଜାଡ଼ି
ଶାଢ଼ିଟିକୁ କିଣିଥିବ
ପ୍ରିୟତମ ତା'ର ।

ପିନ୍ଧିଲେ...
କି ସୁନ୍ଦର ଦିଶିବ ସେ !

Source: Author, Digitized by PPRACHIN, SOA

ଭାବୁ ଭାବୁ
ତା' ହାତ ବୁଲିଆସିଥିବ
ଶାଢ଼ିସାରା... ।

ଧଡ଼ିରେ ଗୋଟି ଗୋଟି
ହଂସ ପଦ୍ମଫୁଲରେ
ମୋକ୍ଷ ଆଉ ମିଳନକୁ
କ୍ରମାନ୍ୱୟରେ ବୁଣିଥିବ
ଆଉଥରେ....

ପଣତର କୋଣାର୍କରେ
ମହାମିଥୁନର ଭଙ୍ଗୀ
ଚିତ୍ରିଥିବ
ପ୍ରଣୟର ମହାଚିତ୍ରକାର ।

ସଭାରେ...
କବିତାର ଧାଡ଼ିସବୁ
ପ୍ରେମିକାର ସମର୍ପଣ ପରି
ଧୀରେ ଧୀରେ
ଯାଉଥାଏ ଖୋଲି

ଲୁହରେ ତିନ୍ତୁଥାଏ
ନଷ୍ଟନାରୀର ଲୁଗାକାନି
ସ୍ନେହର ଜୟଗାନରେ
ସଭାଘର ପଡ଼ଇ ଉଛୁଳି ।

Source: Author, Digitized by PPRACHIN, SOA

ପ୍ରେମିକ ପଣକୁ...

ପ୍ରେମିକ ପଣକୁ
ଯେତିକି ଅମ୍ଳାନ
ନଷ୍ଟନାରୀ...

ପଣ୍ଡିତପଣକୁ ସିଏ
ସେତିକି ମଳିନ ।

ପଙ୍କ ଲାଗିବା ଭୟରେ
ପଣ୍ଡିତଙ୍କ ଦୃଷ୍ଟି
ସଦା ତଳକୁ ତଳକୁ
ବେକଯାଏ ପାଣି ପଙ୍କ
ଯାହାଥାଉନା କାହିଁକି
ସୂର୍ଯ୍ୟକୁ ପ୍ରେମ କରିବା
ଲୋଭରେ
ନଷ୍ଟନାରୀର ଆଖି ଦୁଇଟି
ଅହର୍ନିଶି ବିକଚ ନଳିନ ।

ଗୁଣ ଚିହ୍ନ ନଥିବା ଗୁଣିଆମାନେ
ସତ୍ୟକୁ ଭଲ ପାଉନଥିବା କବିମାନେ
ଆତ୍ମାଠୁଁ ଦୂରେଇ ରହୁଥିବା
ଆତ୍ମୀୟମାନେ
ଅମୋଘ ଅଗ୍ନିବାଣ
ନିକ୍ଷେପ କରୁଁକରୁଁ
କଣିକାଏ ନିଆଁପରି

Source: Author, Digitized by PPRACHIN, SOA

ନିଜନିଜ ଶଙ୍କା ଏବଂ
ଲାଳସାର ଜଉଘରେ
ତାକୁ ସାଇତି ରଖନ୍ତି ।

ଯେତେ ଜଳୁଥାଏ
ତରଳୁଥାଏ ଭିତରର
ଦମ୍ଭ ଅଭିମାନ
ସେତେ ଅପନିନ୍ଦା
ବାହାରେ ରଟନା କରନ୍ତି ।

ଏଣେ
ନିଜକୁ ପୂରାପୂରି
ଅଙ୍ଗାରରେ ଗଢ଼ିଦେଲା ପରେ
ନଷ୍ଟନାରୀର
ଭୟ କ'ଣ
ଭ୍ରାନ୍ତି କ'ଣ

ରେରେକାରର
ରଡ଼ନିଆଁରେ
ସାତପାଦରୁ
ଶତପାଦକୁ ଜାଳି ଜାଳି
ସେ ଝାମୁ ଚାଲୁଥାଏ ।

କୋଟିଏ ଜନ୍ମର
ଗୋଟିଏ ମାନସିକ
ପ୍ରିୟର ମିଳନ ।

Source: Author, Digitized by PPRACHIN, SOA

ଦାମ୍ପତ୍ୟ

ଦାମ୍ପତ୍ୟ
ଅପତ୍ୟ
କି ବିଭୁପ୍ରେମରୁ
ଖସିଯାଇ
ପ୍ରାଣମୂର୍ଚ୍ଛା ପରକୀୟାରେ
ମାତିଥିବା...
ନାରୀଟି ହିଁ
ନଷ୍ଟନାରୀକୁ ମନେ ମନେ
ଖୋଜୁଥାଏ ବେଶୀ ।

ସବୁ ଲୁଚାଚୋରା
ବ୍ୟାକୁଳତାକୁ କେମିତି
ସେ ଅଜାଡ଼ିବ
କାହା ପଣତରେ
କିଏ ସେଇ ସଖୀ
ଲାଂଛିତ ଆତ୍ମାକୁ
ଯିଏ ଜାକି ଧରିବ
ଆପଣା ଆତ୍ମାରେ

କିଏ ଆତଙ୍କିତ, ମୂର୍ଚ୍ଛିତ
ଆବେଗର, କାନେକାନେ
ଉଚ୍ଚାରିବ
ପ୍ରେମରେ

Source: Author, Digitized by PPRACHIN, SOA

କେବଳ ପ୍ରେମରେ
ବଂଚି ରହିବାର
ମୃତସଂଜୀବନୀ ।

କିଏ ଆଉ
ଦୁଇଟି ପ୍ରେମାକୁଳ
ଦେହର
ମଧୁର ମିଳନ ଦେଖି
ସବୁଠୁଁ ଅଧିକା
ହେବ ଖୁସି !

ପ୍ରେମରେ ସତ୍ୟ
ଓ ଆତ୍ମମର୍ଯ୍ୟାଦା ଛଡ଼ା
ଆଉ କାହାରି
ବୋଲ ମାନେ ନାହିଁ
ବୋଲିତ
ନଷ୍ଟନାରୀ
ଘର-ଦୁଆର ଛାଡ଼ି
ବସି ରହିଚି ଦାଂଡ଼ରେ ।

ଅଧରାତିରେ
ଏରୁଣ୍ଡି ଡେଉଁଥିବା
ପାଦଚିହ୍ନ ଦୁଇଟିରେ
ଯିଏ ଯେତେ
କୁଳଟା ଦୋଚାରୁଣୀ

Source: Author, Digitized by PPRACHIN, SOA

ଲେଖିଲେ
ଲେଖନ୍ତୁ

ଠିକ୍ '୦' ବର୍ତ୍ତୁଳଟିଏ
ବୁଲେଇ ଦେଇ ସେ ଚିହ୍ନ ଚଉହଦୀ
ନଷ୍ଟନାରୀ ଲେଖିଦିଏ

ଆହା..
ମୋ ଶରଦ ଶଶୀ !

Source: Author, Digitized by PPRACHIN, SOA

ପ୍ରେମକୁ ସଂପର୍କ ବୋଲି...

ପ୍ରେମକୁ
ସଂପର୍କ ବୋଲି
କିଏ କହେ ?

ନଷ୍ଟନାରୀ ଜାଣେ
ପ୍ରେମ କେଉଁ ସଂପର୍କ ନୁହେଁ

ପ୍ରେମ
କ୍ରମବିକଶିତ
ଏକ
ଦିବ୍ୟ ଅନୁଭବ

ଆରଂଭ ହୁଏ
ଦେହରୁ...
ଯୌବନରୁ...
ସେଇଠି ଅଟକି ନଯାଇ
ଚାଲି ପାରିଲେ ତା' ସହ
ସେ ହାତ ଧରି ଡାକି ନିଏ
ଏମିତି ଏକ
ବିହ୍ୱଳ ଦେଶକୁ...

ଯେଉଁଠି ଥାଏ
ଏକାକୀପଣର ସ୍ୱାଧୀନତା

Source: Author, Digitized by PPRACHIN, SOA

ନିନ୍ଦା, କଳଙ୍କ, ଅପବାଦ
ସବୁଥାଏ
ନଥାଏ କେବଳ
ନିଜ ସହିତ ନିଜର
ବିଶ୍ୱାସଘାତକତା ।

ସଂପର୍କକୁ ବିକିଭାଙ୍ଗି
ସଂସାରରେ
ଜଣେ ହେବାର ବନ୍ଧବାଡ଼ରେ
ଭାଗଭାଗ ହୋଇ ନଥାଏ
ସେ ଦେଶ ।

କବିତାର
ବନାନୀରେ
ଆତ୍ମାର କସ୍ତୁରୀ ମୃଗ
ଘୂରିବୁଲେ
ବୁଣିବୁଣି ପ୍ରୀତିର ସୁବାସ ।

ସେଠି
ଆପାତତଃ ଏକା ଏକା
ଦିଶୁଥିବା ଲୋକଙ୍କ ଆଖିରେ
ସାତ ସାଗରର ଜଳଥାଏ
ଛାତିରେ ଧରିତ୍ରୀର ଟାଣ
ଶୂନ୍ୟ ମୁଠାରେ ଥାଏ
ଅନନ୍ତ ଆକାଶ ।

Source: Author, Digitized by PPRACHIN, SOA

ଦୃଶ୍ୟ-ଅଦୃଶ୍ୟ କେତେ ଡୋରି...

ଦୃଶ୍ୟ-ଅଦୃଶ୍ୟ
କେତେ ଡୋରି
ସ୍ୱାର୍ଥ-ସୁବିଧା
ଶଙ୍କା-ସଂଶୟ
ଈର୍ଷା, କ୍ରୋଧ, ଅସୂୟା
ଆଘାତ, ଇଙ୍ଗିତ
ସୋହାଗ, ନିର୍ଭରଶୀଳତା
ଅଲଂଘ୍ୟ ସାମାଜିକତା
ସର୍ବୋପରି... ।

ଜିଜ୍ଞାସାର
ଆତ୍ମଘାତୀ ଛୁରୀରେ
ଗୋଟିଗୋଟି
କାଟି ସାରିବା ପରେ
ଏକ ଅପୂର୍ବ ଥାନରେ
ନିଜକୁ...
ଆବିଷ୍କାର କରେ ନଷ୍ଟନାରୀ ।

ନା ଦୁଃଖ, ନା ସୁଖ
ନା ପାତକ, ନା ମୋକ୍ଷ
ସେଠି
ସବୁ ଧର୍ମ କର୍ମର
ପରିଭାଷା ମୂଲ୍ୟହୀନ

Source: Author, Digitized by PPRACHIN, SOA

ଅର୍ଥହୀନ
ଇହଲୋକ ଅବା ପରଲୋକ ।

ଛିନ ଭିନ୍ନ ପଣତରୁ
ସେ ଟାଣି ଆଣେ
ସୂତାଏ କୋମଳ କରୁଣା
ସେତିକିରେ
ନିଜ ସହିତ
ଜଳ-ଥଳ-ଆକାଶକୁ
ବାଂଧିଦିଏ କେତେ ଆଣ୍ଟ କରି !

ତା' କାନକୁ
ଏଥର ସଂସାରଯାକର
ନୀରବ ଆର୍ତ୍ତନାଦ
ସ୍ପଷ୍ଟ ଶୁଭେ
ସବୁ ଚାବୁକ୍ ଓ
ଢେଲା ପଥରର ମାଡ଼
ତା ସର୍ବାଙ୍ଗରେ କ୍ଷତ ସୃଷ୍ଟି କରେ

ପବିତ୍ର ସତୀପୀଠର
ଚନ୍ଦନ କାଠ ଓ
ନିଃରନ୍ଧ୍ର ରନ୍ଧାଘରର
କିରୋସିନି
ତାକୁ ଇ ଜଳାଏ

Source: Author, Digitized by PPRACHIN, SOA

ଆକୁଳରେ ଊର୍ଦ୍ଧ୍ୱକୁ
ଦୁଇହାତ ଟେକି
ସେ ହିଁ ଉବୁଟୁବୁ ହଉଥାଏ
ତାକୁ
ବୁଡ଼େଇ ଭସଉ ଥାଏ
ସଭ୍ୟତାର ଆରଂଭରୁ
ଏଯାଏଁ ଗଚ୍ଛିତ ଥିବା
ଅଥଳ ଥଳ
ଯେତେ ଅଶ୍ରୁବାରି ।

ନିଜକୁ ସବୁ ନାରୀଙ୍କର
ନିଭୃତ, ନିକାଞ୍ଚନ,
ନିଃସହାୟ ଛାତିତଳେ
ସାଇତି ରଖିବାର
ଅଶ୍ଳୀଳ-ଆନନ୍ଦକୁ
ଏକା ନଷ୍ଟନାରୀ ଜାଣେ ।

ପାଟି ଫିଟଉ ନଥାଏ
କାହା କଥାରେ
ଏଣେ ତାରି ଯୋଗୁଁ
ପୃଥ୍ୱୀ ଉଚ୍ଛନ୍ନ
ହୋଇଗଲା ବୋଲି
ଚାରିଆଡ଼େ
ପଡୁଥାଏ ହୁରି ।

Source: Author, Digitized by PPRACHIN, SOA

ସବୁ ନାରୀ ଅଙ୍ଗ ପରି...

ସବୁ ନାରୀ ଅଙ୍ଗ ପରି
ସ୍ତନ, ଜାନୁ
ଯୌବନ ସହିତ
ଅଧିକ କରି
ଜିହ୍ୱା ଖଣ୍ଡିଏ ରଖିଛି
ନଷ୍ଟନାରୀ ।

ଧନଜନ, ଗୋପଲକ୍ଷ୍ମୀ
ଶାସ୍ତ୍ରପୁରାଣ କି
ଯଶକୀର୍ତ୍ତି ଲାଳସାରେ ନୁହେଁ
ଆତ୍ମାକୁ ରୁଚିଲେ
ହଁ...ହଁ....ହଁ...
ନ ରୁଚିଲେ
ନା...ନା.... କହିବାକୁ
ଶିଖେଇଚି ତାକୁ ସିଏ
ବହୁ କଷ୍ଟ କରି ।

ଏଇ ଚାରିଆଙ୍ଗୁଳି
ନଗ୍ନ, ଶାଣିତ
ଜିହ୍ୱାଟି ପାଇଁ
ନଷ୍ଟନାରୀର
ଲବଣୀ ପିତୁଳା ଦେହ
କଣ୍ଟାପରି ଫୁଟିଯାଏ
ସବୁ ମରମରେ ।

Source: Author, Digitized by PPRACHIN, SOA

ନାରୀ ଦେହ ଉପରେ
ନିରଙ୍କୁଶ ପ୍ରଭୁତ୍ୱ
ଓ ଅଧିକାରର କୋରସ୍‌କୁ
ସ୍ତବ୍ଧ କରି
ଏ କିଏ ?
ଏଡ଼େ ପାଟିରେ
କେବଳ ମୁକ୍ତି ଓ
ଆନନ୍ଦର କଥା କହୁଚି
ପ୍ରେମରେ... ! ! !

ଏକଥା ଶୁଣିଲେ
ଏଡ଼େ ସୁଲଭ...ସୁସ୍ୱାଦୁ
ନାରୀ ଦେହ...
ପ୍ରଶ୍ନର ଜୁଆର ହୋଇ
ଭସେଇ ନେବ
କ୍ଷୁଧିତ ବିଳାସ-ବ୍ୟବସାୟର
ଯେତେ ବାଲିଘର... ।

ହାଟ-ବାଟର ମଜା
ଉଜୁଡ଼ିଯିବ ଯେ
ଯଦି ଏକାପରି ଦିଶିବ
ନାରୀଙ୍କର
ଅନ୍ତର
ଶରୀର... !

Source: Author, Digitized by PPRACHIN, SOA

ଅର୍ଦ୍ଧଭାଗ
ଖଣ୍ଡିତ ମଣିଷଙ୍କର
ଅନ୍ଧ-ନୀରବ
ବିକାକିଣା ମଝିରେ
ନଷ୍ଟନାରୀର ଜିହ୍ୱା
ଶୂନ୍ୟରୁ ଝୁଲୁଥାଏ
ଦାଉଦାଉ
ତା' ଦେହ-ମନର
ଖୋଲା ବିଜ୍ଞାପନ

ସେମାନେ ଆଉ
ଦେହ ନମାଗି
ନଷ୍ଟନାରୀର
ମୁଣ୍ଡ ମାଗନ୍ତି
ଘନଘନ... ।

Source: Author, Digitized by PPRACHIN, SOA

ଶ୍ରାବଣରେ...

ଶ୍ରାବଣରେ
ଶାଳବଣରେ
ନଷ୍ଟନାରୀ
ବର୍ଷା ହୋଇ ଝରେ ।

ଅଝର ଝର ବାରିଧାର
ମଗ୍ନ ଶାଳଗଛର
କପାଳ, ଆଖି, ଓଠ
ବୁକୁ, ବାହୁ
ନାଭି ନିମ୍ନ
ଚୁମ୍ବନ କରିକରି
ଓହ୍ଲେଇ ଆସେ
ପାଦତଳର ମାଟିକୁ
ଶାଳଗଛର ଡାଳ
ତାକୁ ଛାତି ଉପରେ
ଟେକି ଧରିବାକୁ
ନଇଁନଇଁ ପଡ଼େ ।

ଆକାଶରେ ବର୍ଷା
ପ୍ରେମିକ ଶାଳଗଛର
ଆଲିଙ୍ଗନରେ ବର୍ଷା
ଋତୁସ୍ନାତା ମାଟିର
ରଜ-ଗଂଧରେ ବର୍ଷା

Source: Author, Digitized by PPRACHIN, SOA

ପୂର୍ବରାଗର ଶିଳ୍ପୀ
ଏତିକିବେଳେ
ଶାଳଭଞ୍ଜିକାର ଭଙ୍ଗୀ
ହୃଦୟର ମନ୍ଦିରରେ ଗଢ଼େ ।

ଅରଣ୍ୟ ବ୍ୟତୀତ
ଆଉ କେହି
ଏତେ ସୁଖ
ଦିଅନ୍ତି ନାହିଁ
ବୋଲି ସିନା
ନଷ୍ଟନାରୀ
ଘରଛାଡ଼ି...ଅବେଳରେ
ଥାଏ ଅରଣ୍ୟରେ... !

ଅଗ୍ନା ଅଗ୍ନି ବନସ୍ତର
ପାହାନ ଖୋଲରେ
ପାଦ ଥାପିଲା ମାତ୍ରେ ଇ
କାହା ଅଭିଶାପ
କି ବରଦାନରୁ କେଜାଣି

ତା' ସର୍ବାଙ୍ଗ ପାଲଟିଯାଏ
ଉଚ୍ଛନ୍ନ ଜଳପ୍ରପାତ... ।
ଆତ୍ମଲିଙ୍ଗ, ପ୍ରମତ୍ତ ଯୋଗୀକୁ
ମହାସଙ୍ଗମ ମନ୍ତ୍ରରେ
ସେ ଅଭିଷେକ କରେ ।

Source: Author, Digitized by PPRACHIN, SOA

ରାତି ଆଲୋକିତ ହୁଏ
ଦିବସ ଅଂଧାର ।

ମହା ସନ୍ଧ୍ୟାକାଳ ଲଗ୍ନ
ଗଡ଼ି ନଯାଇ
ସ୍ଥିର ହୋଇ ରହେ
ସେତେକାଳ...

ଯେତେକାଳ ମହାରାସ ମଣ୍ଡଳରେ
ଜନ୍ମ ମରଣର ଚକ୍ର
ଆବର୍ତ୍ତିତ ହେଉଥାଏ
ଭୁଲିଯାଇ
ଦେହର ବିକାର.. ।

Source: Author, Digitized by PPRACHIN, SOA

ଚିହ୍ନିରଖ...

ଅପର୍ଣ୍ଣା ମହାନ୍ତି,
ଚିହ୍ନିରଖ
ଏହା ଜଣେ
ସାଧାରଣ
ନାରୀର ସ୍ୱାକ୍ଷର

ଲିଭେଇଦେଲେ ଲିଭିଯିବ
ଆଖିପିଛୁଳାକେ
ପଢ଼ିବସିଲେ ପଢୁଥିବ
ଯୁଗଯୁଗ
ସଭ୍ୟତାର ପ୍ରଥମ ଦିନରୁ
ଏ ଯାବତ୍

କେତେ ମାୟା
କେତେ ମୋହ
କେତେ ଦାହ
କେତେ ଦ୍ରୋହ
କେତେ ଲହୁ
କେତେ ଲୁହର
ଇତିହାସକୁ
ଚେତନାର ଶିଳାଖଣ୍ଡରେ
ଖୋଦିତ କଳାପରେ
କେହିଜଣେ ନଷ୍ଟନାରୀ

Source: Author, Digitized by PPRACHIN, SOA

ସାହସ କରି
ଶେଷରେ ଲେଖିଚି
ଏଇ, କେତୋଟି ଅକ୍ଷର ।

ତ୍ରେତିଶକୋଟି ଦେବାଦେବୀଙ୍କ ଆଗରେ
ଦୂର୍ଗା ବିବସନ ହେବାଠୁଁ ଆରମ୍ଭ କରି
ଅହଲ୍ୟା ପଥର ହେବା
ବୈଦେହୀ ଥରକୁ ଥର
ଅଗ୍ନି, ପାତାଳରେ ପଶିବା
ପାଂଚାଳୀ, ଜୁଆରେ ବାଜି ରହିବା
ଆଦି, ଜଣାଶୁଣା
ଅସାଧାରଣ ଅସହାୟତା ସହିତ;

ଗାର୍ଗୀର ମୁଣ୍ଡ ଝିଡ଼ିବାର ଧମକ୍
ଖନାର କଟା ଜିଭର କାରୁଣ୍ୟ
ରୂପ କନ୍‌ୱାର୍‌ର ଜୀବନ୍ତ ଦହନ
ବନୱାରୀର ଗଣଧର୍ଷଣ
ତସ୍‌ଲିମାର ମୃତ୍ୟୁର ଫତୱାକୁ
ସେ ଅଙ୍ଗେ ନିଭାଇଛି ।

ବାପାର ନିର୍ମମ ପ୍ରହାରରେ
କ୍ଷତବିକ୍ଷତ ମାଆର ଦେହକୁ
ଆଉଁସିଲା ବେଳେ
ଭଉଣୀର ଜଳନ୍ତାଚମରୁ
ନିଆଁ ଲିଭେଇଚି ।

Source: Author, Digitized by PPRACHIN, SOA

ନିରାପଦ ଅନ୍ଧାରରେ
ସ୍ୱ-ଶୂନ୍ୟତା ଦିଗକୁ
ମୁହଁକରି ଧାଉଁଥିବା
ଝିଅକୁ ଫେରାଇଆଣିବାକୁ ଯାଇ
ଝୁଣ୍ଟିପଡ଼ି ରକ୍ତାକ୍ତ ହେଇଚି

ପ୍ରେମିକ, ପତି, ପୁରୁଷର
ବିଳାସ, ସ୍ୱାର୍ଥ, ଅହଂକାରକୁ
କାଳ କାଳ ଭୋଗିବା ପରେ ବି
ତୁଣ୍ଡ ଖୋଲିନାଇଁ

ନିଜ ଭିତରେ
ନିଜକୁ ଖୋଜି ଖୋଜି
ଅସଂଖ୍ୟ ସଂପର୍କ
ଓ ସଂସ୍କାରରୁ ଶିକୁଳିକୁ
ନିଜଠାରୁ ବିଛିନ୍ନ କରିଚି ।

କୁଢ଼ କୁଢ଼ କଟାଜିଭ
କଟା ହାତଗୋଡ଼
ଗଦା ଗଦା ପୋଡ଼ା ଚମରେ
ରସାଣିତ ଅପରିଚୟର
ସୁବର୍ଣ୍ଣ ଫଳକରେ
ରତ୍ନପରି ଜଡ଼ିତ ହୋଇ ନଥିବା
ଆତ୍ମନିର୍ବାସିତ ଏଇ
ଅସ୍ମିତାରେ

Source: Author, Digitized by PPRACHIN, SOA

ଜାଣିଚ କି
ଏକା ସଙ୍ଗେ ଗଚ୍ଛିତ ଅଛି
ସଂସାରର ସମସ୍ତ ମୃତଜୀବିତ ନାରୀଙ୍କ
ଆତ୍ମବିଶ୍ୱାସର ଜୀବାଶ୍ମ
ତ୍ରସ୍ତ ତିରସ୍କାର
ଏବଂ, ମୌନ ହାହାକାର... ।

Source: Author, Digitized by PPRACHIN, SOA

ସତ କହିଚ...

ସତ କହିଚ
ପ୍ରତିବାଦ କି ପ୍ରତ୍ୟାଖ୍ୟାନ ନୁହେଁ...

ଆମନ୍ତ୍ରଣ, ସମର୍ପଣ, ରମଣରେ
ଥାଏ ନଷ୍ଟନାରୀ

ନଷ୍ଟନାରୀ ଜାଣେ
ଆମନ୍ତ୍ରଣରେ ସତ୍ୟତା
ସମର୍ପଣରେ ଶୁଦ୍ଧତା
ରମଣରେ ପୂର୍ଣ୍ଣତା ଥିଲେ ଇ
ଏ ସଂସାର ସଜାଡ଼ି ହେଇଯିବ
ଧାରେ ନିଃସର୍ତ୍ତ କୋମଳ ଇଚ୍ଛା ପରି ।

ବଡ଼ ସାହସରେ
ସେ ଇତିହାସର ପ୍ରତିକୂଳରେ
ଦୀର୍ଘପଥ ଅତିକ୍ରମି
ଏକୁଟିଆ ଚାଲି ଚାଲି ଯାଏ

ନିସର୍ଗ-ସୁଖ-ସକଳ ବିରୋଧରେ
ସଭ୍ୟତାର ଚୁକ୍ତିନାମା
ସ୍ୱାକ୍ଷରିତ ହେବା ଆଗରୁ
ଥିଲା ଯେଉଁ ଦ୍ୱନ୍ଦ୍ୱହୀନ କବିତାର
ମଧୁକ୍ଷରା ଭୂମି
ସେଇଠି ସେ ଆପଣାକୁ ପାଏ ।

Source: Author, Digitized by PPRACHIN, SOA

ସେଠି ତ ସ୍ୱାତୀଲଗ୍ନର ମେଘ
ବିନା ବାକ୍ୟ ବ୍ୟୟରେ ଝରିପଡ଼େ
ଶାମୁକା ଗର୍ଭରେ ।

କମଳ ବୁକୁରେ ଜଡ଼ିଥିବା ଭ୍ରମରର
ଉଷୁମ୍ ଶବକୁ
ସୂର୍ଯ୍ୟର ପ୍ରଥମ କିରଣ
ଆଉଁସିଦିଏ କେତେ ଆବେଗରେ ।

ଘାସ କୋଳେ ନିଦ୍ରିତ ଶିଶିର ବିନ୍ଦୁ ଓଠରେ
ଦୂର ଆକାଶର ତାରା
ରାତି ଶେଷେ
ଦେଉଥାଏ ବିଦାୟ ଚୁମ୍ବନ ।

ବୈଧ-ଅବୈଧ, ଅଶୁଦ୍ଧ ନିଷିଦ୍ଧ
କିଛି ବୋଲି କିଛି ନଥାଏ

ସମାହିତ ବିସ୍ମୟରେ
ପରସ୍ପର ଦିଗରେ ବାହୁ ପ୍ରସାରି ଦିଅନ୍ତି
ଦୁଇଟି ନଗ୍ନ ନରନାରୀ
ସ୍ରଷ୍ଟାର ଶ୍ରେଷ୍ଠ ଇଚ୍ଛା
କରିବାକୁ ଅଚିରେ ପୂରଣ ।

ରତିକ୍ରିୟାର ଧାସରେ
ପ୍ରତିକ୍ରିୟା ପାଉଁଶ ହେଇ
ମିଶିଯାଏ ମାଟିରେ ।

Source: Author, Digitized by PPRACHIN, SOA

ସଂପର୍କ ନାମରେ ଥାଏ
ଖାଲି ପ୍ରେମ ପ୍ରାର୍ଥନା ଓ କୃତଜ୍ଞତା
ସ୍ଥୁଳ ସୂକ୍ଷ୍ମ ଜଂଜାଳରେ ପଡ଼ିବାକୁ
କେହି ପ୍ରଜ୍ଞାବନ୍ତ ନ'ଥାନ୍ତି ସେଠି

ଅନାହତ ଶୃଙ୍ଗାରର ସମର୍ଥା ନାୟିକା
ନଷ୍ଟନାରୀ...

ପୂର୍ଣ୍ଣକୁ ପୂର୍ଣ୍ଣରେ
ବିଭାଜିତ କରୁଥାଏ ଶତକୋଟି ବାର
ଅବଶେଷ ରହୁଥାଏ
କେବଳ ପୂର୍ଣ୍ଣତା... ।

Source: Author, Digitized by PPRACHIN, SOA

ସତ୍ୟ କହିବାଠାରୁଁ...

ସତ୍ୟ କହିବାଠାରୁଁ
ସତ୍ୟ ସହିବା
ବଡ଼ କଥା ।

ସତ୍ୟ କହିଲାବେଳେ ତ
ଭିତରର ପୃଥିବୀ
ଉଶ୍ୱାସ ହୋଇଯାଏ
ଚନ୍ଦ୍ର ସୂର୍ଯ୍ୟ
ଉଦେ ହୁଅନ୍ତି ଚକ୍ଷୁରେ ।

ଫୁଲପାଖୁଡ଼ା ଉଡ଼ିଲାପରି
ପବନରେ

ମନଗହୀରର
ବାଟ ଅବାଟ ଚାଲି ହୁଏ
ସୁବାସ ପିଠିରେ ।

ମହାମେରୁ ସମ
ଠିଆ ହୋଇଯାଇହୁଏ
ଚଳନ୍ତି ସୁଅ ଆଗରେ ।

ବିଷମ ଗଣ୍ଠି ସବୁ ଫିଟିଯାଏ
ବାଇଚଢ଼େଇ ବସାରେ
ଶୋଇହୁଏ ନିଷ୍ଟିନ୍ତ ନିଦରେ ।

Source: Author, Digitized by PPRACHIN, SOA

ସତ୍ୟ ପ୍ରିୟବାଦିନୀ
ନୁହଁ ବୋଲି
କାହିଁକି କୁହ ?

ସତ୍ୟ ତ
ଆତ୍ମାର ଲଳିତ
ଆରୋହ ଅବରୋହରେ
ସଂଗୀତମୟ କରିଦିଏ ଜୀବନ
କେଡ଼େ ନିଜର ନିଜର
ଲାଗନ୍ତି ତରୁ-ତୃଣ-ଲତା ।

ଆଦି ସହ ଅନ୍ତର
ଯୋଗାଯୋଗ ହୁଏ କ୍ଷଣିକରେ
ପ୍ରେମରେ ପ୍ରଗଲ୍‌ଭ ହୁଏ
ସବୁ ନୀରବତା ।

ସତ୍ୟକୁ
ଛାତିରେ ଜାକି ଧରିଲେ
ମୁହୂର୍ତ୍ତେ...
ଅନୁଭବ ପାଲଟିଯାଏ
କବିତା ।

ହେଲେ ସତ୍ୟ ସହିବା
ଏଡ଼େ ସହଜ ସରସ
ନୁହେଁ ଜନ୍ମା ।

Source: Author, Digitized by PPRACHIN, SOA

ମୁହୂର୍ମୁହୂଃ ଭୂଲୁଣ୍ଠିତ
ମମକାର
କ୍ରମଶଃ କ୍ଷମତାଚ୍ୟୁତ
ସମାଜ...ସଂସ୍କାର
ତୁଚ୍ଛତମ ମଣିଷର
ଉଚ୍ଚ ଅଧିକାର ।

ଭାବକୁ ନିକଟ କରି
ଅଭାବକୁ ଦୂର କରିବାର
ଦୁଃଖ ସୁଖ
ଯିଏ ଜାଣେ
ସିଏ ଜାଣେ
କେଡ଼େ କଷ୍ଟ
ଏ ସବୁ ଏକାଠି କରି
ନିର୍ମାଣିବା
ସଂପର୍କର ନିସର୍ଗ ନିଃସର୍ତ୍ତ
ପରିସୀମା... ।

ସତ୍ୟ କହିଲାବେଳେ
ନଷ୍ଟନାରୀ
ତେଣୁ ଛାଏଁ ଛାଏଁ
ନଇଁ ପଡୁଥାଏ
ସତ୍ୟ ସହିଲାବାଲା ପାଦରେ
ଛୁଏଁଇବାକୁ ମଥା ।

Source: Author, Digitized by PPRACHIN, SOA

ଗୋଟିଏ ସରଳ ସତ୍ୟ...

ଗୋଟିଏ ସରଳ ସତ୍ୟ... ।
ସବୁ ସୁଖ, ଆନନ୍ଦ
ସେଇଠି ସମାହିତ
ଯେଉଁଠି, ରତି-ପ୍ରମତ୍ତ
ଅଖଣ୍ଡ ସହ ଖଣ୍ଡିତ
ଅନିତ୍ୟ ସହ ନିତ୍ୟ ।

କେହି ମହିମାନ୍ୱିତ
ନୁହେଁ ସେଠି
କେହି ନୁହେଁ ଇତର

ତରୁ ତୃଣ
ପଶୁ ପକ୍ଷୀ
ନଦୀ ପର୍ବତ
ରଜ ରେତ
ସର୍ବେ ଉପସ୍ଥିତ
ଅନୁପସ୍ଥିତ
କେବଳ ମୁଁ'କାର ।

ଜାଗ୍ରତ କୁଣ୍ଡଳିନୀର
ନାଗବନ୍ଧରେ
ଛନ୍ଦିତ, ନୃତ୍ୟରତ
ସବୁ..., ଶବରୀ

Source: Author, Digitized by PPRACHIN, SOA

ନୈରାମଣୀମାନେ ଭଗବତୀ
ଭଗବାନ ପ୍ରତ୍ୟେକ ଶବର ।

ଚର୍ବିତ ଚର୍ବଣ
ଯେତେ ମନ୍ତ୍ର
ଶାସ୍ତ୍ର କ୍ରିୟା କର୍ମ ।

ଛଳନା, ପ୍ରବଞ୍ଚନା
ହିଂସା, ଅହଂକାର
ପ୍ରଚାର କରୁଥିବା
ଯେତେ ଧର୍ମାଧର୍ମ

ବୁଝିବାକୁ
ତର କାହିଁ କାହାକୁ ?

ମାତାଲ୍ ମହୁଲବଣ
ଜହ୍ନରାତି
ଉଚ୍ଛନ୍ନ ପବନ
ବିହଗ କୂଜନ
ଡଙ୍ଗର ଝୋଲାର ସୁରତାନ
କି ଉଆଁସର
ନୀରିହ ଅଂଧାରରେ
ଯିଏ ଯାହାକୁ
ଯୋଉଠି ଛୁଇଁଲା
ସେଇଠି ମୃତ୍ୟୁ

Source: Author, Digitized by PPRACHIN, SOA

ସେଇଠି ପୁନର୍ଜନ୍ମ
ସେଇଠି ଜୀବନର
ଅମୃତ ଓଁକାର ।

ନିଃସର୍ତ୍ତରେ
ନିଃଶବ୍ଦରେ
ବ୍ରହ୍ମାଣ୍ଡକୁ ଘେନିବା ପାଇଁ ତ
ଏଇ ପିଣ୍ଡ !

ଏତିକିମାତ୍ର
ଜାଣିବାର ଆଲୋକରେ
ନଷ୍ଟନାରୀ
ଗୋଟିକ ପରେ
ଗୋଟିଏ ପ୍ରମାଦ
ଅତିକ୍ରମ କରେ
ଅବଲୀଳାରେ ।

କି ସହଜ ସୁଖର
ଛାଇଟିଏ...
ବାଟ କଢ଼େଇ ନିଏ

ଅର୍ଦ୍ଧାଙ୍ଗ ନାରୀ ତାହାର
ଅର୍ଦ୍ଧାଙ୍ଗ ଈଶ୍ୱର ।

Source: Author, Digitized by PPRACHIN, SOA

ଅପୁରୁଷ, କାପୁରୁଷ, ପୁରୁଷ...

ଅପୁରୁଷ
କାପୁରୁଷ
ପୁରୁଷ
ସୁପୁରୁଷ
ପ୍ରଜ୍ଞାପୁରୁଷ
ଶୂନ୍ୟପୁରୁଷ
ପଥ ଦେଇ
ପ୍ରେମ ପୁରୁଷ ପାଖରେ
ପହଞ୍ଚିବାକୁ ହୁଏ ।

ଆଉ କିଏ
ଜାଣୁ ନଜାଣୁ
ନଷ୍ଟନାରୀକୁ
ଏ ଅଗମ୍ୟ
ପଥର ଭେଦ
ଭେଦିବାକୁ ହୁଏ ।

ଖୁବ୍ ବେଶୀରେ
ଜଣେ ପୁରୁଷକୁ
ଭେଟିବାର
ଦୁର୍ଲ୍ଲଭ ଅନୁଭବ ପାଖରେ
ଯାତ୍ରା ସ୍ଥଗିତ ରହେ
ପ୍ରାୟ, ପ୍ରତ୍ୟେକ ନାରୀର ।

Source: Author, Digitized by PPRACHIN, SOA

ଅହରହ
ଦମିତ ବ୍ୟବହୃତ ହେବାର
କ୍ଲାନ୍ତି ଓ ପୀଡ଼ାରୁ
ଟିକିଏ ତ୍ରାହି ମିଳିଲେ
କେଡ଼େ ସଜ ସତେଜ
କୃତକୃତ୍ୟ ଦିଶେ
ତା'ର ମନ ଓ ଶରୀର ।

ହେଲେ କେମିତି କହିବି
ସୁଖ ସନ୍ତୋଷର
ସେଇ ପବିତ୍ର ପାଦଦେଶରୁ ଇ
ଆରଂଭ ହୁଏ
ଆତ୍ମାର ଶିଖରକୁ
ଆରୋହଣ କରିବାର
ମହାଯାତ୍ରା
ନଷ୍ଟନାରୀର ।

ଏଥର
ସେ ପୁରୁଷର ହାତଧରି
ସୁପୁରୁଷର ଆଖିରେ
ଆଖି ରଖି ହସେ ।

ନୀରିହ ପ୍ରଶ୍ନବାଣରେ
ଜର୍ଜରିତ କରୁଥାଏ
ପ୍ରଜ୍ଞାପୁରୁଷକୁ

Source: Author, Digitized by PPRACHIN, SOA

ନିଜକୁ
ଅତିକ୍ରମ କରିବାର
ଆବେଗରେ
ବାନ୍ଧିରଖେ
ପୂର୍ଣ୍ଣ ପୁରୁଷକୁ
ରମଣର ଚରମ ଆଶ୍ଳେଷେ ।

ଶୂନ୍ୟତା ଆଡ଼କୁ
ବାଟକଢ଼ାଇନେବା ବ୍ୟତୀତ
ପୂର୍ଣ୍ଣତାର ଭୂମିକା ବା
ଆଉ କ'ଣ... ?

ନଷ୍ଟନାରୀ
ପୂର୍ଣ୍ଣତାକୁ ଯେତିକି ଯେତିକି
ଭୋଗୁଥାଏ
ଶୂନ୍ୟ ପୁରୁଷ ସେତିକି
ନିକଟରେ ଦିଶେ ।

ଶେଷକୁ
ବ୍ରହ୍ମାଣ୍ଡର ସମସ୍ତ ନାରୀଙ୍କ
ବିଶୁଦ୍ଧ ପ୍ରେମମୟତା ଛଡ଼ା
ନଷ୍ଟନାରୀର
ଅନ୍ୟକିଛି ସତ୍ତା ହିଁ
ବାକି ରହେନା ଆଉ ।

Source: Author, Digitized by PPRACHIN, SOA

ଆହା...
କି ଦିବ୍ୟ ସମାରୋହ ଦେଖ
ସେଇ ପ୍ରେମମୟତାରୁ
ପ୍ରେମପୁରୁଷ ପ୍ରକଟ ହୁଅନ୍ତି
ଧୀରେଧୀରେ

ନାରୀ ପୁରୁଷ ପ୍ରଭେଦ
ବାରିହୁଏ ନାହିଁ,
ମିଳନର ସମାହିତ,
ନିତ୍ୟ ମହାରାସେ ।

Source: Author, Digitized by PPRACHIN, SOA

ପ୍ରୀତିରୁ କବିତା...

ପ୍ରୀତିରୁ କବିତା
କବିତାରୁ ପ୍ରୀତି
ନଷ୍ଟନାରୀ ରାଜ୍ୟରେ
ଏତିକି ରାଜନୀତି ।

ଦେହର ଗାଁ ଗହଳି
ଦେହର ନଗର
ଦେହର କ୍ଷେତ-ଖମାର
ଦେହର ମନ୍ଦିର
ଦେହର ମାଟି-ଆକାଶ
ଦେହର ସାଗର ।

ସବୁଠିଁ କବିତାର
ସାନ ସାନ କଳଙ୍କକୁଡ଼ିଆ
ଟିକିଟିକି ଧାନଫୁଲ
ସୋରିଷଫୁଲ
ଛୋଟଛୋଟ ଦିଅଁ
ରେଣୁ ରେଣୁ ଧୂଳି
କୁନିକୁନି ଚଢ଼େଇ
ଓ ଟିକି ଟିକି ମାଛ ।

କବିତାର
ଝିଲିମିଲି ଦିନ

Source: Author, Digitized by PPRACHIN, SOA

ପଛେ ପଛେ
ଗୋଡ଼ାଇଥାଏ
ରୁଣୁଝୁଣୁ
କବିତାର ରାତି ।

ମନର ହାଟରେ
କେତେ ଯେ ବିକାକିଣା... ।

ଚୋରାଚାହାଁଣୀ
ଗୋପନ ଚିଟାଉଠାରୁଁ
ଲୁହର ମୁକୁତା
ପୁଣି ଲହୁର ମାଣିକ ।

ନିଃଶ୍ୱାସର ଦରିଆରେ
କବିତାର
ଗୁଣୁଗୁଣୁ ପାଲଟାଣି
ହାଲ୍ ଛାଡ଼ିଦେଇଥାଏ
ମନର ବଣିକ ।

ପାତ୍ରମିତ୍ର
ପରିଷଦ
ସଭିଏଁ ତ
ଅପବାଦର ଚାଟୁକାର
ପାପର ପୂଜାରୀ ।

Source: Author, Digitized by PPRACHIN, SOA

ସିଂହାସନଟି
ହୃଦୟର
ଚକ୍ରବର୍ତ୍ତୀ ପ୍ରେମିକପ୍ରବର
ଇଷ୍ଟଦେବମ୍
ସ୍ୱୟଂ ନଷ୍ଟନାରୀ... ।

Source: Author, Digitized by PPRACHIN, SOA

କବି ହେବାକୁ ନୁହେଁ...

କବି ହେବାକୁ ନୁହେଁ
କବିତାରେ ଧୂଳିସାତ୍ ହେବାକୁ
କବିତା ଲେଖୁଚି
ନଷ୍ଟନାରୀ ।

କବିତା କହିଲେ
କିଏ କ'ଣ
ବୁଝୁ ନବୁଝୁ
ନଷ୍ଟନାରୀ ବୁଝେ
କବିତ୍ୱ...
ଆନନ୍ଦରେ ସମାହିତ
ସକଳ ଭାବନା
ଦୁର୍ଭାବନାରୁ ମୁକ୍ତ ।

କବିତା ତ
ନଷ୍ଟନାରୀ ହୃଦୟର
ଅଭୟ ଆଶ୍ରୟ
ତା' ଅତଳତଳ ମନର
ସତ୍ୟର ସୁର-ତାଳ-ଲୟ ।

ତଳେ ମାଟି
ଉପରେ ଆକାଶ
ମଝିରେ କବିତାର

Source: Author, Digitized by PPRACHIN, SOA

ସ୍ଫଟିକ ସ୍ୱଚ୍ଛତାରେ ଆତଯାତ
ଆମ୍ଭାର ସହଜ ଉଲ୍ଲାସ ।

ଆଲୁଅ ପବନର
ଡୋରିରେ ବନ୍ଧାହୋଇ
କେଉଁ ଦୂରଦୂରାନ୍ତକୁ
ସଂଚରି ଯାଉଥିବା
ଅକପଟ ଉଚ୍ଚତାର
ଚରମ ବିଳାସ ।

ନଷ୍ଟନାରୀ ଧୀରେଧୀରେ ବୁଝେ
କବିତାରେ
ସାମାଜିକ ଅସାମାଜିକ ପ୍ରଶ୍ନ
କେଡ଼େ ଅବାନ୍ତର ।

ଜନନୀ ଭଗିନୀ ଜାୟା
ସବୁ ମିଛମାୟା...

ପ୍ରେମକୁ ସମର୍ପିତ ହେବାର
ଅକୁଣ୍ଠିତ ଅନୁରାଗ ପାଖରେ
କେଡ଼େ ତୁଚ୍ଛ
ଇନ୍ଦ୍ର ଚନ୍ଦ୍ର
ତନୁମନ
ବେଶ ବାସ
ସଂଭୋଗ ସନ୍ନ୍ୟାସ ।

Source: Author, Digitized by PPRACHIN, SOA

ଯିଏ ଶୋକରୁ
ନିଗାଡ଼ିପାରେ ସୁଖ
ସେ ହିଁ ନଷ୍ଟନାରୀର
ଉନ୍ମନା ପ୍ରେମିକ
ତା' କବିତାର
ଈପ୍‌ସିତ ନାୟକ ।

ସମସ୍ତେ ଦେଖନ୍ତି
ନଷ୍ଟନାରୀ ଅଙ୍ଗେଅଙ୍ଗେ
ପଙ୍କିଳ କଳଙ୍କ

ନିଜକୁ ନିଃଶେଷ କରିକରି
ପ୍ରତ୍ୟେକ ଛୁଆଁରେ..

ଯିଏ କବିତା ବ୍ୟତୀତ
ଅନ୍ୟକିଛି ଦାଗ ରଖିଯାଏନା
ନଷ୍ଟନାରୀର ନଗ୍ନ ସମଗ୍ରରେ

ସେଇ ତ ତା' ପ୍ରେମିକାପଣର
ମୁକୁଳିତ ପଦ୍ମର ସୁବାସ ।

Source: Author, Digitized by PPRACHIN, SOA

ଏଇ ନଷ୍ଟକଥାଟି...

ଏଇ ନଷ୍ଟକଥାଟି
ମତେ ବଡ଼ କଷ୍ଟ ଦିଏ

ଏତେ ପରିପୂର୍ଣ୍ଣ
ଦିଶୁଥିବା ନାରୀଟିକୁ
ନଷ୍ଟନାରୀ
କାହିଁକି କହୁଛ ?

କେମିତି ବୁଝାଇବି
ଏ ପ୍ରଶ୍ନ ପଚାରୁଥିବା
ପ୍ରିୟ କବିଙ୍କୁ ।

ନୀରବରେ ଘାରିହେଉଥିବା
ଯେତେ ପ୍ରିୟ ପାଠକଙ୍କୁ

ଯେ ନାରୀଟିଏ
ସତ୍ୟ ଓ ଆତ୍ମାର
ଅନ୍ୱେଷାରେ
ଆଗପଛ ନଭାବି
ଗୋଡ଼ କାଢ଼ିଲେ
ସଂସାରରେ ତା' ନାରୀପଣ
ହୋଇଯାଏ ମିଛ ।

Source: Author, Digitized by PPRACHIN, SOA

ନାରୀ
ପ୍ରେମ କରିବ ନାହିଁ
ପ୍ରଶ୍ନ କରିବ ନାହିଁ
ତର୍କ କରିବ ନାହିଁ
ମୁକ୍ତି ମାଗିବ ନାହିଁ
ପ୍ରଜ୍ଞାର ଶିଖରକୁ
କି ଆପଣାର
ଅତଳତଳ ଅନ୍ତରକୁ
କେବେ ବି
ଚାହିଁବ ନାହିଁ... ।

ଏସବୁ କରନ୍ତି ଖାଲି
ଡାଆଣୀ କି
ଦୋଚାରୁଣୀମାନେ ।

ସେଥିପାଇଁ କ'ଣ ଡୋମ୍ବୀ, ଶବରୀ
ଚାଣ୍ଡାଳୀ, ନୈରାମଣି ଦାରୀ ।

ଜିଜ୍ଞାସାର ପଥରେ
ଗଲାବେଳେ
ବସ୍ତ୍ରାଳଙ୍କାର ସହିତ
ଫିଙ୍ଗିଦେଇ ଯାଇଥିଲେ
ମାନ ମହତ, କୁଳଗୋତ୍ର
ସଂପର୍କ, ସଂସ୍କାର ।

Source: Author, Digitized by PPRACHIN, SOA

ଦେହକୁ କରିଥିଲେ
ଜାଗ୍ରତ କୁଣ୍ଡଳିନୀ
ସଂଭୋଗକୁ
ହରିଦ୍ରା-ଚନ୍ଦନ ଅକ୍ଷତର
ମହମହ ନାଗବନ୍ଧ
ଈକ୍ଷିକାର
ଓଁକାର,
ସମସ୍ୱର କରି ।

ଯୌନତାର ଜହରକୁ
ସାଧନାର ସୁଧାସମ
ଆକଣ୍ଠ ପାନ କରିଥିଲେ
ଅସୀମ ଶକ୍ତିଶାଳିନୀ
ଏଇ ଯେତେ
ସହଜ ସୁନ୍ଦରୀ ।

ନାରୀର ଚିରାଚରିତ
ନିଷ୍ପ୍ରାଣ ଭାବମୂର୍ତ୍ତିକୁ ଧରି
ବିଚରା ପରମ୍ପରା
ବାହୁନିବ ନାହିଁ ବୋଲି ସିନା
ସର୍ବଜ୍ଞା ଅବଧୂତିକା
ସାନନ୍ଦରେ ସାଜିଥିଲେ
ନୀଚାଦପି ନୀଚ
ନଷ୍ଟନାରୀ...

Source: Author, Digitized by PPRACHIN, SOA

ଆପଣା ଲାଳସା
ଓ ଅହଂକାରର
ଅଧିକାର ମୁତାବକ
ନାରୀର ଯୌନତାକୁ
ରୂପରଙ୍ଗ ଦେଉଥିବା
ଭୟାତୁର, ଦୁର୍ବଳ
ବିଳାସୀ, ପୁରୁଷ ପାଇଁ
ଦେବୀ ବି ବାଧ୍ୟ ହୁଏ
ଉଭାହେବାକୁ ନିର୍ବସ୍ତ୍ର
ତ୍ରେତିଶକୋଟି ଦେବାଦେବୀଙ୍କ
ଚକ୍ଷୁ ସମ୍ମୁଖରେ ।

ଅପରିସୀମ
ନିସର୍ଗ ଯୌନତାର
ତେଜରେ ଉତ୍‌ଫଣ
ନଷ୍ଟନାରୀକୁ
ଘେନିବା ପୁରୁଷ
ନିର୍ବିଚାରରେ
ତା' ପାଦପାଖରେ
ପତାଇଦିଏ
ସର୍ତ୍ତହୀନ
ସମର୍ପଣର ଛାତି ।

ନଷ୍ଟନାରୀ
ତାକୁ ପୁରୁଷରୁ ସାଧକ

Source: Author, Digitized by PPRACHIN, SOA

ସାଧକରୁ ପ୍ରେମିକ
ପ୍ରେମିକରୁ ଶିବ ରୂପରେ
ଶକ୍ତିପୀଠରେ
ଆବାହନ
ସଂସ୍ଥାପନ କରେ ।

ମହାମୁଦ୍ରାରେ
ସ୍ଥିର ହୋଇ ରହେ
ତା' ପରେ
ସୃଷ୍ଟି-ସ୍ଥିତି-ଲୟ ।

ଆଦିରୁ ଅନନ୍ତକୁ
ବିହରିବା ପାଇଁ
ଗଢ଼ାହୁଏ ଧାଡ଼ିଧାଡ଼ି
ସୁଖର ପାହାଚ ।

Source: Author, Digitized by PPRACHIN, SOA



Source: Author, Digitized by PPRACHIN, SOA

ଦେହ, ଦାହ ଓ ଦହନର
ସ୍ୱପ୍ନ, ସୁଖ ଓ ସଂଭୋଗର
ପାପ, ପ୍ରାପ୍ତି ଓ ପିପାଶାର
କୁହୁକ କବିତା ହିଁ 'ନଷ୍ଟନାରୀ'

ଅଛି ଅଛି ସବୁ ଜବାବ୍
ଯାହା ଯାହା ଉଠେ ତୁମ ମନରେ
କୌଣସି ନାରୀକୁ ନେଇ,

ହଁ, ଏହି ଦ୍ୱିତୀୟ ସଂସ୍କରଣ
ବର୍ଷିଆନ୍ କଥାକାର
ମହାପାତ୍ର ନୀଳମଣି ସାହୁଙ୍କ
ପାଠକୀୟ ମତାମତ ସହ...

ନଷ୍ଟନାରୀ ନଷ୍ଟନାରୀ ନଷ୍ଟନାରୀ ନଷ୍ଟନାରୀ ନଷ୍ଟନାରୀ ନଷ୍ଟନାରୀ

ଅପର୍ଣ୍ଣା ମହାନ୍ତି ଅପର୍ଣ୍ଣା ମହାନ୍ତି ଅପର୍ଣ୍ଣା ମହାନ୍ତି ଅପ

a time pass publication 2009
cover design : saroj bal

ISBN 9788190853736
9 788190 853736

Source: Author, Digitized by PPRACHIN, SOA